ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୩୧ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 31DECEMBER 2023

Vol.No. 34 ■ No. 343 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଅଯୋଧ୍ୟାକୁ ମୋଦୀଙ୍କ ୧୫ ହଜାର ୭ଶହ କୋଟିର ଭେଟି

ରେଳ ଷ୍ଟେସନ, ବାଲ୍ମୀକି ବିମାନ ବନ୍ଦରର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩୦/୧୨ : ଅଯୋଧ୍ୟାରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ । ବିଶାଳ ରୋଡ ସୋ କରି ଅଯୋଧ୍ୟା ରେଳ ଷ୍ଟେସନରେ ପହଂଚିଛନ୍ତି ନରେନ୍ଦ୍ର ମୋଦି । ରୋଡ ସୋ' ବେଳେ ପ୍ରଧାନମନ୍ତ୍ରୀଙ୍କୁ ଫୁଲରେ ସ୍ୱାଗତ କରାଯାଇଛି । ରାସ୍ତରେ ଦୁଇ ପଟେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି । ମିନିଟରେ ଅଯୋଧ୍ୟା ରେଳ ଷ୍ଟେସନର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ୨୪୦ କୋଟି ଟଙ୍କା ବ୍ୟୟରେ ଅଯୋଧ୍ୟା ଧାମ ରେଳ ଷ୍ଟେସନର ପୁନଃନିର୍ମାଣ କରାଯାଇଛି । ଏଥିସହ ମୋଟ ୨ ହଜାର ୩୦୦ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏଥିସହ ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ । ସେହିପରି ୬ ଟି ନୂଆ ବନ୍ଦେ ଭାରତ ଏକ୍ସପ୍ରେସର ମଧ୍ୟ ଶୁଭାରମ୍ଭ କରିଛନ୍ତି ମୋଦୀ । ସେହିପରି ୧୪ ଶହ ୫୦ କୋଟି ବ୍ୟୟରେ ନିର୍ମିତ ହୋଇଥିବା ଅଯୋଧ୍ୟା ଆନ୍ତର୍ଜାତୀୟ ବିମାନବନ୍ଦର ମଧ୍ୟ ଉଦଘାଟନ କରିଛନ୍ତି ମୋଦୀ । ଏହି ବିମାନବନ୍ଦରକୁ ମହର୍ଷି ବାଲ୍ମିକୀଙ୍କ ନାମରେ ନାମିତ କରାଯାଇଛି । ଅଯୋଧ୍ୟାର ନୂଆ ଆନ୍ତର୍ଜାତୀୟ ବିମାନବନ୍ଦର, ପୁନଃନିର୍ମାଣ ରେଳ ଷ୍ଟେସନ, ଜାତୀୟ ରାଜପଥ ସହ ମୋଟ ୧୫ ହଜାର ୭୦୦ କୋଟିର ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ । ଅଯୋଧ୍ୟାରେ ଦେଢ ଲକ୍ଷ ଲୋକଙ୍କୁ ନେଇ ଏକ ସଭାର ଆୟୋଜନ ମଧ୍ୟ କରାଯାଇଛି । ମୋଦୀ ଏହି ସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ଅଛି । ତେବେ ମୋଦୀଙ୍କ ସ୍ୱାଗତ ପାଇଁ ଅଯୋଧ୍ୟା ରାମ ପଥରେ ବିଭିନ୍ନ ସ୍ଥାନରେ ୪୦ ଟି ଷ୍ଟେଜ କରାଯାଇଥିଲା । ସେହି ଷ୍ଟେଜଗୁଡିକରେ ୧୪୦୦ ଲୋକନାଟ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

୧୩ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ଭୁବନେଶ୍ୱର, ୩୦ /୧୨ (ନି.ପ୍ର): ରାଜ୍ୟରେ 'ମୋ ବସ୍' ରେ ଆଉ ୨୦୦ଟି ଇ-ବସ୍ ଚଳାଚଳ ନିମନ୍ତେ ରାଜ୍ୟ ସରକାର ଏକ ଘରୋଇ ସଂସ୍ଥା ଜେବିଏମ୍ ଇକୋ ଲାଇଫକୁ ୯୩୩.୨୬ କୋଟି ଟଙ୍କା ଦେବେ । ଏହି ସଂସ୍ଥା ୯ରୁ ୧୦ମିଟର ଲମ୍ବର ଇଲେକ୍ଟ୍ରିକ ବସ୍ କିଣିବା ସହ ଏହାର ଆବଶ୍ୟକ ଭିତ୍ତିଭୂମି ନିର୍ମାଣ, ରକ୍ଷଣାବେକ୍ଷଣ (ଜିସିସି) ମଡେଲ ଆଧାରରେ ବସ୍ ଅପରେଟ୍ କରିବ । ୧୦ବର୍ଷ ପାଇଁ କିଲୋମିଟର ପିଛା ୬୪.୮୧କୋଟି ଟଙ୍କା ଲେଖାଏଁ ଦର ଧାର୍ଯ୍ୟ ହୋଇଛି । ଏଥିପାଇଁ ଜେବିଏମ୍ ଇକୋ ଲାଇଫ୍ ସହ ହୋଇଥିବା ଚୁକ୍ତିନାମାକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି ।

ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ସମେତ ମୋଟ ୧୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି ।

▶▶ପୃଷ୍ଠା ୭

ଅରୁଣ ଷଡ଼ଙ୍ଗୀଙ୍କୁ ଡିଜିପି ଦାୟିତ୍ୱ

ଭୁବନେଶ୍ୱର, ୩୦ /୧୨ (ନି.ପ୍ର): ଓଡ଼ିଶାର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ପାଇଛନ୍ତି ବରିଷ୍ଠ ଆଇପିଏସ ଅରୁଣ ଷଡ଼ଙ୍ଗୀ। ଆଜି ତାଙ୍କୁ ରାଜ୍ୟ ସରକାର ପୁଲିସ ମହାନିର୍ଦ୍ଦେଶ ଭାବେ ନିଯୁକ୍ତି ଦେଇଛନ୍ତି। ସେ ଏହି ପଦର ଅତିରିକ୍ତ ଦାୟିତ୍ୱରେ ରହିବେ। ନୂଆ ଡିଜିପି ନିଯୁକ୍ତ ହେବା ଯାଏ ସେ ଏହି ପଦର ଦାୟିତ୍ୱରେ ରହିବେ ବୋଲି ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ୧୯୯୦ ବ୍ୟାଚ୍‌ର ଆଇପିଏସ ଅଫିସର ଅରୁଣ ଷଡ଼ଙ୍ଗୀ ଏବେ ଇଚଝଚଇର ନିର୍ଦ୍ଦେଶକ ରହିଛନ୍ତି। ତେଣୁ ବିପିଏସପିଏ ନିର୍ଦ୍ଦେଶ ସହ ସେ ପୁଲିସ୍ ବିଭାଗର ମୁଖ୍ୟ ଭାବେ କାମ କରିବେ। ଆସନ୍ତା ଡିସେମ୍ବର ୩୧ତାରିଖରେ ବର୍ତ୍ତମାନର ପୁଲିସ ଡିଜି ସୁନୀଲ କୁମାର ବଂଶଲ ଚାକିରିରୁ ଅବସର ନେବେ। ତେଣୁ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଡିଜିପି ଭାବେ ଅରୁଣ ଷଡ଼ଙ୍ଗୀ ଶପଥ ନେବେ। ପରବର୍ତ୍ତୀ ପୁଲିସ ଡିଜି ପଦବୀ ନିମନ୍ତେ ରାଜ୍ୟ ସରକାର ମୋଟ ୭ଜଣ ଆଇପିଏସ ଅଫିସରଙ୍କ ତାଲିକା ୟୁପିଏସସିଙ୍କୁ ସୁପାରିସ୍ କରିଛନ୍ତି । ୧୯୮୮ରୁ ୧୯୯୦ ବ୍ୟାଚ୍ ମଧ୍ୟରେ ଥିବା ମୋଟ ୮ଜଣ ଆଇପିଏସ

ଅଫିସରଙ୍କ ମଧ୍ୟରୁ ୧୯୮୯ ବ୍ୟାଚର ଆଇପିଏସ୍ ପ୍ରାଣବିନ୍ଧୁ ଆଚାର୍ଯ୍ୟଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତ ୭ଜଣଙ୍କ ନାମ ୟୁପିଏସସିକୁ ପଠାଯାଇଛି । ୧୯୮୮ ବ୍ୟାଚର ଅରୁଣ କୁମାର ରାୟ, ୧୯୮୯ ବ୍ୟାଚର

▶▶ପୃଷ୍ଠା ୭

ଚାକିରିକୁ ବର୍ଷେ ହୋଇନି: ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ

ବାରିପଦା, ୩୦/୧୨ (ନି.ପ୍ର): ହେ ପ୍ରଭୁ! ଲୋଭ ପୁଣି ଏମିତି। ଓଏଏସ୍ ପାସ୍ କରି ଚାକିରି ପାଇବାକୁ ବର୍ଷେ ହୋଇନି। ହେଲେ ଲୋଭରେ ପଡ଼ିଗଲେଣି। ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ସହକାରୀ ରେଶମ ନିର୍ଦ୍ଦେଶକ କାର୍ଯ୍ୟାଳୟର କ୍ଷେତ୍ର ସହାୟକ ବିଭୁତି କୁମାର ମଲ୍ଲିକ। ଭିଜିଲାନ୍ସ ଲାଞ୍ଚ ଟଙ୍କା ଜବତ କରିବା ସହିତ ତାଙ୍କୁ ଗିରଫ କରିଛି। ମୟୂରଭଞ୍ଜ ଜିଲ୍ଲା ଏକ ଏନଜିଓ

ପନ୍ଦର ୧୫୦୦ ହେକ୍ଟର ଜମିରେ ବିଶୋଇ, ବହଳଦା, କୁସୁମୀ ଆଦି ବ୍ଲକରେ ଟସର ଚାଷ ପାଇଁ ଅସନ ଓ ଅର୍ଜୁନ ବୃକ୍ଷ ରୋପଣ କରିଛି। ଉକ୍ତ ବୃକ୍ଷ ରୋପଣର ସରଜମିନ ସ୍ଥିତି ନେଇ ଫିଜିବିଲିଟି ରିପୋର୍ଟ ପାଇଁ ଯଶିପୁର ଅଞ୍ଚଳର ଶିରିଷ ଚନ୍ଦ୍ର ମହାନ୍ତ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଜିଲ୍ଲାପାଳଙ୍କ ଅଫିସ୍ ତରଫରୁ ଏନେଇ ସହକାରୀ ନିର୍ଦ୍ଦେଶକ ରେଶମ ଶିଳ୍ପକୁ ରିପୋର୍ଟ ମଗା ଯାଇଥିଲା। ହେଲେ ଟସର ବିଭାଗର କ୍ଷେତ୍ର ସହାୟକ ବିଭୁତି ମଲ୍ଲିକ ରିପୋର୍ଟ ରିପୋର୍ଟ ଦେଉନଥିବାରୁ

▶▶ପୃଷ୍ଠା ୭

ବିଳମ୍ବରେ ଅଫିସ ଆସିଲେ ଦରମା ବନ୍ଦ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଜାରିହେଲା ବିଏମ୍‌ସିର ସ୍ୱତନ୍ତ୍ର ନିର୍ଦ୍ଦେଶନାମା । ଡେରିରେ ଅଫିସ୍ ଆସିଲେ ଦରମା ବନ୍ଦ । ବିଏମ୍‌ସି କର୍ମଚାରୀମାନଙ୍କ ବିଳମ୍ବରେ ଅଫିସ ଆସିବା ଆଉ ବରଦାସ୍ତ କରାଯିବ ନାହିଁ । ବିଏମ୍‌ସି ମୁଖ୍ୟାଳୟରେ କାମ କରୁଥିବା ସମସ୍ତ କର୍ମଚାରୀ ୯.୪୫ରୁ ୧୦.୧୫ ମଧ୍ୟରେ ପହଂଚିବେ । ଅଧିକରୁ ଅଧିକ ମାତ୍ର ୧୫ ମିନିଟ୍ ପର୍ଯ୍ୟନ୍ତ କୋହଳ ମନୋଭାବ ଦେଖାଯିବ ଅର୍ଥାତ୍ ୧୦ଟା ୩୦ ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍, ଗାଡ଼ି ଖରାପ କିମ୍ବା

▶▶ପୃଷ୍ଠା ୭

ଓଡ଼ିଶା ପାଇଁ ମାଷ୍ଟର ପ୍ଲାନ୍: ଦାୟିତ୍ୱରେ ରହିବେ ମୋଦି, ଶାହ ଓ ରାଜନାଥ

ଭୁବନେଶ୍ୱର, ୩୦ /୧୨ (ନି.ପ୍ର): ଓଡ଼ିଶା ଦଖଲ ପାଇଁ ବିଜେପିର କ୍ଲଷ୍ଟର ପ୍ଲାନ୍। ମେଣ୍ଟ ନୁହେଁ, ଏକା ଲଢ଼ିବ ବିଜେପି। ଦାୟିତ୍ୱରେ ରହିବେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଲୋକସଭା ନୁହେଁ, ଫୋକସରେ ରହିବ ବିଧାନସଭା। ଆଜି ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ସଭାପତିଙ୍କ ବୈଠକରେ ଏହି ବାର୍ତ୍ତା ଦେଇଛନ୍ତି କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲ। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ରାଜ୍ୟ

ସଭାପତି ମନମୋହନ ସାମଲଙ୍କ ସହ ସମସ୍ତ ପଦାଧିକାରୀ ଓ ଜିଲ୍ଲା ସଭାପତିଙ୍କ ସହ ୨ ଘଣ୍ଟାରୁ ଅଧିକ ସମୟ ଧରି ମାନସମନ୍ଥନ କରିଥିଲେ ବିଜେପି ରାଷ୍ଟ୍ରୀୟ ପ୍ରଭାରୀ ଓ ସହ

▶▶ପୃଷ୍ଠା ୭

କୌଣସି ଦଳ ସହ ମେଂଟର ସମ୍ଭାବନା ନାହିଁ : ଅପରାଜିତା

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ନିର୍ବାଚନରେ ଯୁଦ୍ଧ କରିବାର ଅଛି। କୌଣସି ଦଳ ସହ କୌଣସି ପ୍ରକାର ସାଲିସର ପ୍ରଶ୍ନ ଉଠୁନି। କୌଣସି ଦଳ ସହ ମେଂଟର ସମ୍ଭାବନା ନାହିଁ। କିଛି ବ୍ୟକ୍ତି ବିଜେପି-ବିଜେଡି ମେଂଟ ସମ୍ଭାବନା ଥିବା ଅପପ୍ରଚାର କରୁଛନ୍ତି। କୌଣସି ମେଂଟ ସମ୍ଭାବନା ନାହିଁ, ମିଳାମିଶା ନାହିଁ ଆଜି ବୈଠକରେ ସ୍ପଷ୍ଟ କୁହାଯାଇଛି।୧୪୭ ବିଧାନସଭା, ୨୧ ଲୋକସଭା ଆସନରେ ପ୍ରାର୍ଥୀ ଦେବୁ। ଜୋରଦାର କ୍ୟାମ୍ପେନ ସହ ଲଢ଼େଇ କରିବୁ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଶନିବାର ଦିନ ରାଜ୍ୟ ବିଜେପି ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥିଲା।

ଦୁଇ କୋଟି ଟଙ୍କାର ଗଞ୍ଜେଇ ଗଛ ଜାଳିଦେଲା ପୁଲିସ

କନ୍ଧମାଳ, ୩୦/୧୨ (ନି.ପ୍ର): ଗଞ୍ଜେଇ ଚାଷ ଓ ଚାଲାଣର ଭୂସ୍ୱର୍ଗ ପାଲଟିଛି କନ୍ଧମାଳ ଜିଲ୍ଲା। ଆଉ ସେହି ବେଆଇନ୍ ଗଞ୍ଜେଇ ଚାଷକୁ ରୋକିବା ଲାଗି କନ୍ଧମାଳ ପୁଲିସ ତରଫରୁ ଏବେ ବିଭିନ୍ନ ଥାନା ଅଞ୍ଚଳରେ ଗଞ୍ଜେଇ ଗଛ କଟା ଅଭିଯାନ ଜାରି ରହିଛି। ଆଜି ଦାରିଙ୍ଗବାଡି ଥାନା ପୁଲିସ୍ ଦୁଇ କୋଟି ଟଙ୍କାର ଗଞ୍ଜେଇ ଗଛ କାଟି ପୋଡ଼ି ଦେଇଛି। ଦାରିଙ୍ଗବାଡି ଥାନା କିରିକୁଟି ପଞ୍ଚାୟତର ଘଞ୍ଚ ଜଙ୍ଗଲରେ ଏକର ଏକର ଜମିରେ ଗଞ୍ଜେଇ ଚାଷ ହୋଇଥିଲା। ଏ ସମ୍ପର୍କରେ ଖବର ପାଇ ପୁଲିସ ସଦଳ ବଳେ ଉକ୍ତ ଜଙ୍ଗଲରେ ପହଞ୍ଚିଥିଲା। ଗଞ୍ଜେଇ ଗଛ ଗୁଡ଼ିକୁ କାଟି ପକାଇଥିଲେ। ପରେ ସେହି ଗଞ୍ଜେଇ ଗଛକୁ ଜାଳି ଦେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ଦୁଇ କୋଟିରୁ ଅଧିକ ଟଙ୍କା ହେବ। ପୂର୍ବରୁ ବାଲିଗୁଡ଼ା, ଫିରିଙ୍ଗିଆ, ଗୋଛାପଡା, କ.ନୂଆଗାଁ ଆଦି ଥାନା ଅଞ୍ଚଳରେ ବିପୁଳ ପରିମାଣରେ ଗଞ୍ଜେଇ ଚାଷ ହେଉଥିଲା। ଏବେ ଏହି ସବୁ ଥାନାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଞ୍ଜେଇ ଚାଷ ଆରମ୍ଭ ହୋଇଛି। ଯାହାକି ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି।

ଥାନା ଅଧିକାରୀଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା

ଯାଜପୁର, ୩୦/୧୨ (ନି.ପ୍ର): ଥାନା ଗାଡ଼ି ଡ୍ରାଇଭରଙ୍କୁ ମାଡ଼ ମାରିବା ମହଙ୍ଗା ପଡ଼ିଲା। ଥାନା ଅଧିକାରୀଙ୍କ ନାଁରେ ଜାରି ହେଲା ଜାମିନ ବିହୀନ ଗିରଫ ପରୱାନା। ଯାଜପୁର ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ଗତ ୨୬ ତାରିଖରେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହା ପରେ ଥାନା ଅଧିକାରୀଙ୍କ ଟେନ୍‌ସନ୍ ବଢ଼ିଛି। ୨୦୨୨ ମସିହା ମାର୍ଚ୍ଚ ୩ ତାରିଖରେ ସୁକିନ୍ଦା ଥାନାରେ କାର୍ଯ୍ୟରତ ଡ୍ରାଇଭର ସୁକୁମାର ସ୍ୱାଇଁ ଅସୁସ୍ଥ ରହିଥିଲେ। ତେଣୁ ସେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ସେହି ଦିନ ସନ୍ଧ୍ୟାରେ ଥାନା ଅଧିକାରୀ ଶିବ ଚରଣ ବେହେରା ମେଡ଼ିକାଲ୍‌ରେ ପହଞ୍ଚି ଥିଲେ। ସେଠାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରିକି କଥା ମାରପିଟ୍

▶▶ପୃଷ୍ଠା ୭

ଉନ୍ମୋଚିତ ହେଲା ସରୋଜ କୁମାର ଦାସଙ୍କ 'ସମୟର ପଦଚିହ୍ନ' ଓ ସୁଜାତା ରଣାଙ୍କ 'ଚକୋଲେଟ'

ବାଲିଆପାଳ, ୩୦/୧୨ (ନି.ପ୍ର): ବାଲିଆପାଳ ପୂଜ୍ୟପୂଜା ସଂସଦ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂଜ୍ୟପୂଜା ସଂସଦର ଆବାହକ ଝାଡେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବାଲିଆପାଳ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ଉତ୍ସବକୁ ଉଦଘାଟନ କରିଥିଲେ। ବରେଣ୍ୟ ଅତିଥି ଭାବେ ସୁବର୍ଣ୍ଣଶ୍ରୀ ପ୍ରକାଶନିର ସଂପାଦକ କବି କାଳିପଦ ପଣ୍ଡା, କବି ବ୍ରଜେନ୍ଦ୍ର ନାଥ ଗିରି, ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ଦେ, ଧ୍ୱନିପ୍ରତିଧ୍ୱନିର ସଂପାଦକ ସୃଷ୍ଟିଧର ପରିଡା, କବି ଅଭୟ ଦାସ, ଆଇନଜିବୀ ବିଜୟ ପାଣିଗ୍ରାହୀ, ଶିକ୍ଷକ ନେତା ଅସିତ ଦାସ, ପ୍ରଫେସର କୁକାନ୍ତ ପାତ୍ର, ପ୍ରଶିକ୍ଷକ ଅମୂଲ୍ୟ ଚନ୍ଦ୍ର ଘଡାଇ, ନିରନ ଦେ, ତ୍ରିଭୂବନ ପ୍ରଧାନ, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା, ଶୁକଦେବ ମହାନ୍ତି, ସୁଜାତା ରଣାଙ୍କ ମାତା ବାସନ୍ତୀ ରଣା, ସରୋଜ ଦାସଙ୍କ ପିତା ଅନଙ୍ଗ କୁମାର ଦାସ, ମାଆ ଶାନ୍ତିଲତା ଦାସ ପ୍ରମୁଖ ଉପସ୍ଥିତ ରହି କବି ସରୋଜ କୁମାର ଦାସଙ୍କ 'ସମୟର ପଦ ଚିହ୍ନ' ଏବଂ କବୟତ୍ରୀ ସୁଜାତା ରଣାଙ୍କ ଶିଶୁ କବିତା ପୁସ୍ତକ 'ଚକୋଲେଟ' ପୁସ୍ତକକୁ ଅନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ। ପ୍ରାରମ୍ଭରେ ଗୀତିକାର ରମାନାଥ କର ସ୍ୱାଗତ ସଙ୍ଗୀତ ଜ୍ଞାନ କରିଥିଲେ । କବୟତ୍ରୀ ସୁଜାତା ରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ତୃପ୍ତିସୂଚୀ ରେଖା ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଉନ୍ମୋଚିତ ପୁସ୍ତକ ବିତରଣ କରାଯାଇଥିଲା । ଶେଷରେ କବି ସରୋଜ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଉତ୍ସବକୁ ଗୋପୀନାଥ ରଣା, ତ୍ରିଲୋଚନ ପ୍ରଧାନ, ମୁଲତା ରଣା, ଅପରଜିତା ରଣା, ପଙ୍କଜ ଗିରି, ରାଜେଶ୍ୱରୀ ଜେନା, ଅନନ୍ତ କୁମାର ଦାସ, ଖୁସବୁ ଦାସ ପ୍ରମୁଖ ପରିଚାଳନା କରିଥିଲେ।

ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଆତଙ୍କବାଦୀଙ୍କ ହମଲା

ନୂଆଦିଲ୍ଲୀ, ୩୦/୧୨ : ମଣିପୁରରେ ପୁଣି ହିଂସାକାଣ୍ଡ ଦେଖିବାକୁ ମିଳିଛି। ଆଜି ମୋରେହ ସହରରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଶନିବାର ଅପରାହ୍ନ ୩.୩୦ ହମଲା ହୋଇଥିଲା। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ପ୍ରଥମେ ଆଇଇଡି ବିସ୍ଫୋରଣ କରିଥିଲେ। ଏହାପରେ ଗୁଳିମାଡ଼ ସହ ଅନ୍ୟାନ୍ୟ ବିସ୍ଫୋରଣ କରିଛନ୍ତି। ରାଜ୍ୟ ପୁଲିସ୍ ପକ୍ଷରୁ ଆକ୍ରମଣ ପରେ ଦୃଢ଼ ଜବାବ ଦିଆଯାଇଛି। ରିପୋର୍ଟ ଲେଖା ବେଳେ ମଧ୍ୟ ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ପିଟିଆଇରେ ପ୍ରକାଶିତ ଖବର ଅନୁଯାୟୀ, ପୁଲିସ୍ କମାଣ୍ଡୋମାନଙ୍କୁ ମୋରେହରୁ କି ଲୋକେସନ ପଏଣ୍ଟ ବା କେଏଲପି ଆଡ଼କୁ ନେଇ ଯାଉଥିବା ଗାଡ଼ିକୁ ଅଜଣା ବନ୍ଧୁକଧାରୀମାନେ ଟାର୍ଗେଟ କରିଥିଲେ। ଏହି ହମଲାରେ ଜଣେ ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି। ତାଙ୍କର ଚିକିତ୍ସା ୫ ଆସାମ ରାଇଫଲ୍ସ କ୍ୟାମ୍ପରେ ଚାଲିଛି।

▶▶ପୃଷ୍ଠା ୭

ବଣ୍ଟା ହେଲାନି 'ଭାଗବତ ଟୁଙ୍ଗୀ' ଟଙ୍କା: ଦେଢ଼ ହଜାର ଆବେଦନ, ୨୩୨ଟିର ଆସିଛି ଅନୁଦାନ

ଖୋର୍ଦ୍ଧା, ୩୦/୧୨ (ନି.ପ୍ର): ବର୍ଷେ କି' ଦୁଇବର୍ଷ ନୁହେଁ, ଗଲା ପ୍ରାୟ ସାତବର୍ଷ ତଳୁ ଖୋର୍ଦ୍ଧା ଜିଲ୍ଲାକୁ ସରକାର ପଠାଇଥିଲେ 'ଭାଗବତ ଟୁଙ୍ଗୀ' ଅନୁଦାନ। ଇତିମଧ୍ୟରେ ଗଲା ନିର୍ବାଚନ ସରିଗଲା, ନୂଆ ନିର୍ବାଚନ ମୁଣ୍ଡ ଉପରକୁ ଆସିଲାଣି। କିନ୍ତୁ, ଖୋର୍ଦ୍ଧା ଜିଲ୍ଲା ସଂସ୍କୃତି ବିଭାଗ ଗାଁ ଗଣ୍ଡାର ବର୍ଷର ବର୍ଷର ଭାଗବତ ଟୁଙ୍ଗୀଙ୍କୁ ଅନୁଦାନ ବାଣ୍ଟି ପାରିନାହିଁ। ସରକାରୀ ଖାତାରେ ୨୩୨ଗୋଟି ଭାଗବତ ଟୁଙ୍ଗୀର ଟଙ୍କା ଗଡୁଥିବା ବେଳେ ଜିଲ୍ଲା ସଂସ୍କୃତି ବିଭାଗ ଫାଇଲ୍ ତଳେ ମୋଟ୍ ୧୫୬୬ଟି ଭାଗବତ ଟୁଙ୍ଗୀ ଦରଖାସ୍ତ ଚପି ହୋଇ ରହିଛି।

ତଥ୍ୟ ମୁତାବକ, ଏ ଭାଗବତ ଟୁଙ୍ଗୀ ଯୋଜନାର ପରିକଳ୍ପନା ହୋଇଥିଲା ୨୦୧୪ ମସିହାରେ। ଠିକ୍ ନିର୍ବାଚନ ପୂର୍ବରୁ ଲୋକଙ୍କ ମନ ଜିଣିବା ପାଇଁ ସରକାର ଏ ଯୋଜନାର ଶୁଭାରମ୍ଭ କରିଥିଲେ। ଯୋଜନାର ଉଦ୍ଦେଶ୍ୟ ଥିଲା, ଗାଁ ଗଣ୍ଡା ପରମ୍ପରାରେ ତିଆରି ହୋଇଥିବା ଭାଗବତ ଟୁଙ୍ଗୀର ପୁନରୁଦ୍ଧାର କରିବା। ପ୍ରତ୍ୟେକ ଟୁଙ୍ଗୀକୁ ୫୦ହଜାର ଟଙ୍କାର ଅନୁଦାନ ଯୋଗାଇ ଦେବା। ଯେଉଁଥିରୁ ୪୦ହଜାର ଟଙ୍କା ଫିକ୍ସ ଡିପୋଡିଜ୍ କରାଯିବ ଏବଂ ୧୦ହଜାର ଟଙ୍କାରେ ମାଇକ୍ ସେଟ୍ ଖର୍ଦ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ସରକାର ଖୋର୍ଦ୍ଧା ଜିଲ୍ଲାକୁ ୪୩୧ଟି ଟୁଙ୍ଗୀ ବାବଦକୁ ମୋଟ୍ ଦୁଇ କୋଟି ୧୫ଲକ୍ଷ ଟଙ୍କାର ଅନୁଦାନ ପଠାଇଥିଲେ। ଏ ଯୋଜନାରୁ ଉପକୃତ ହେବା ପାଇଁ ଜିଲ୍ଲାର ମୋଟ୍ ୧୭୬୭ଟି ଭାଗବତ ଟୁଙ୍ଗୀ ଜିଲ୍ଲା ସଂସ୍କୃତି ବିଭାଗ ନିକଟରେ ଦରଖାସ୍ତ ଦେଇଥିଲେ। ସେଥିରୁ ୧୯୯ଟି ଦରଖାସ୍ତକୁ ଜିଲ୍ଲା ପ୍ରଶାସନ ମଞ୍ଜୁରୀ ଦେଇଥିବା ବେଳେ ଆହୁରି ୨୩୨ଟି ଭାଗବତ ଟୁଙ୍ଗୀର ଅନୁଦାନକୁ ସଂସ୍କୃତି ବିଭାଗ ଚାପି ରଖିଛି। ସଂସ୍କୃତି ବିଭାଗ ପାଖରେ ୧୫୬୬ଟି ଆବେଦନପତ୍ର ପଡ଼ି ରହିଛି, କିନ୍ତୁ ଭାଗବତ ଟୁଙ୍ଗୀ ଟଙ୍କା ଏଯାବତ୍ ବଣ୍ଟା ହୋଇ ପାରିଲା ନାହିଁ। ମୁଣ୍ଡ ଉପରେ ନିର୍ବାଚନ ମାଡ଼ି ଆସୁଥିବା ବେଳେ ବିଭାଗୀୟ ନିର୍ଦ୍ଦେଶାଳୟ ଭାଗବତ ଟୁଙ୍ଗୀ ଟଙ୍କାକୁ ନେଇ ତନାଘନା ଆରମ୍ଭ କରିଛି। କାହିଁକି ଟଙ୍କା ବଣ୍ଟା ହୋଇନି ସେନେଇ ବିଭାଗରୁ ଚାପ ପଡ଼ିବା ପରେ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି। ପ୍ରାୟ ସାତବର୍ଷ ହେଲା ପଡ଼ି ରହିଥିବା ଟଙ୍କାକୁ ଦୁଇ ସପ୍ତାହ ମଧ୍ୟରେ ବାଣ୍ଟିବାକୁ ଜୋର ଉଦ୍ୟମ ଆରମ୍ଭ ହୋଇଛି।

ଏ ସମ୍ପର୍କରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କହିଛନ୍ତି, ଜିଲ୍ଲାରେ ସଂସ୍କୃତି ଅଧିକାରୀ ପଦବି ଖାଲି ପଡ଼ିଥିଲା ବୋଲି ଟଙ୍କା ବଣ୍ଟା ହୋଇପାରିନଥିଲା। ଆସନ୍ତା ୧୫ଦିନ ମଧ୍ୟରେ ଟଙ୍କା ବାଣ୍ଟିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ସବୁ ବ୍ଲକ୍ ଏବଂ ପୌର ପରିଷଦରୁ ଭାଗବତ ଟୁଙ୍ଗୀର ବର୍ତ୍ତମାନର ସ୍ଥିତି ରିପୋର୍ଟ ମଗାଯାଇଛି। ସେଥିରୁ ପ୍ରାୟ ୭ଟି ବ୍ଲକ୍‌ର ରିପୋର୍ଟ ଆସିଗଲାଣି। ଅନ୍ୟ ତିନୋଟି ବ୍ଲକ୍‌ର ରିପୋର୍ଟ ଆସିଗଲେ, ଟଙ୍କା ବାଣ୍ଟି ଦିଆଯିବ ବୋଲି ଶ୍ରୀ ଦାସ ଗଣମାଧ୍ୟମକୁକୁ କହିଛନ୍ତି।

ଗୋବରୀ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କେନ୍ଦ୍ରାପଡ଼ା, ୩୦/୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପଂଚାୟତରେ ଥିବା ଗୋବରୀ ହାଇସ୍କୁଲ ୨୦୦୪ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଦ୍ୱିତୀୟ ବାର୍ଷିକ ବନ୍ଧୁମିଳନ ପ୍ରସିଦ୍ଧ ଶକ୍ତିପୀଠ ଛୁଆଳିଆ ଠାକୁରାଣୀ ଙ୍କ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନରେ ପୁରାତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ଅତୀତର ସ୍ମୃତି ବଖାଣି ଥିଲେ । ଏବଂ ହାଇସ୍କୁଲର ଉନ୍ନତି ପାଇଁ ଆଲୋଚନା କରିଥିଲେ । ବିରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବନ୍ଧୁମିଳନରେ ଶାନ୍ତନୁ ଜେନା, ବାସୁଦେବ ଦାସ, ଅରୁଣ ସାମଲ, ସସ୍ମିତା ଲେଙ୍କା, ଅପର୍ଣ୍ଣା ପଟ୍ଟନାୟକ, ସାଗରିକା ଜେନା, ସିଲା ସାମଲ, ପ୍ରିୟଙ୍କା ସେନାପତି, ସରୋଜକାନ୍ତ ପଟ୍ଟନାୟକ, ପ୍ରଭଞ୍ଜନ ରାଉତ, କିଶୋର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ବଲାଙ୍ଗୀରରେ ନୂଆ- ଓ ସ୍ପୋର୍ଟସ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ

ବଲାଙ୍ଗୀର, ୩୦/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ କ୍ରିଡା ଓ ଯୁବ କଲ୍ୟାଣ ବିଭାଗ ପ୍ରଯୋଜନାରେ ଏବଂ "ନୂଆ ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା" ଆନୁକୂଲ୍ୟରେ ବଲାଙ୍ଗୀର ଜିଲ୍ଲାସ୍ତରୀୟ "ନୂଆ ଓ" ସ୍ପୋର୍ଟସ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀ ନିରଞ୍ଜନ ବିଶି, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀ ବ୍ରଜମୋହନ ବିଶୋଇ ,ବଲାଙ୍ଗୀର ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ , ପୌରପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ଗାୟତ୍ରୀ ଭୋଇ ,ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ହିସାବ ରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁଶାନ୍ତ ସିଂ ଆଭିମୁଖ୍ୟ ତଥା ବଲାଙ୍ଗୀର ଜିଲ୍ଲାରେ କ୍ରିଡା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଯୁବ ପିଢିଙ୍କ ମଧ୍ୟରେ କ୍ରିଡା, ସାହିତ୍ୟ, ସଂସ୍କୃତି ଓ ସେବା କାର୍ଯ୍ୟ ନିମନ୍ତେ ଏହି ପ୍ରତିଯୋଗିତା ପ୍ରେରିତ କରିବ। କ୍ରୀଡା ପ୍ରତିଯୋଗିତା ଦ୍ୱାରା ଛାତ୍ର ଛାତ୍ରୀମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇଥାଏ। ଏହି ପ୍ରତିଯୋଗିତା ଦ୍ୱାରା ଜିଲ୍ଲାରୁ ଯୋଗ୍ୟ ମନୋନୀତ ହୋଇ ରାଜ୍ୟସ୍ତରୀୟ ପ୍ରତଯୋଗୀତାରେ ଭାଗ ନେଇପାରିବେ। ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଖେଳାଳି ମାନେ ଭାଗ ନେଇଥିଲା ବେଳେ ହକି, ଫୁଟବଲ, ଭଲିବଲ, ଖୋ ଖୋ, କବାଡି, କ୍ରିକେଟ ଆଦି ୬ ପ୍ରକାର ଖେଳ ଅନୁଷ୍ଠିତ ହେବ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପୁରୁଷ ବିଭାଗ ଫୁଟବଲ ରେ ବଲାଙ୍ଗୀର ବ୍ଲକ, ମହିଳାରେ ଟିଟିଲାଗଡ଼ ବ୍ଲକ, କ୍ରିକେଟ ପୁରୁଷରେ ଟିଟିଲାଗଡ଼ ବ୍ଲକ, ମହିଳାରେ ବଲାଙ୍ଗୀର ମୁନିସିପାଲିଟି, ଭଲିବଲ ଉଭୟ ବିଭାଗରେ ବଲାଙ୍ଗୀର ମୁନିସିପାଲିଟି, ଖୋଖୋରେ ମୁରୀବାହଲ, କବାଡି ମହିଳା ବିଭାଗରେ ପୁଇଁତଳା, ପୁରୁଷରେ ପାଟଣାଗଡ଼, ହକି ପୁରୁଷ ବିଭାଗରେ ବଲାଙ୍ଗୀର, ମହିଳା ବିଭାଗରେ ମୁରୀବାହଲ ଚମ୍ପିୟାନ ହେଇଛନ୍ତି।

ଆଂଚଳିକ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ

ଜୟପୁର, ୩୦/୧୨ (ନି.ପ୍ର): ଜୟପୁର ଦଶହରା ପଡିଆ ଠାରେ ଆଂଚଳିକ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଛି । ଏଠାରେ ଅତିଥି ଭାବେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ସିଡିଏଓ କୋରାପୁଟ ପ୍ରଦିପ କୁମାର ମହାନ୍ତି, ସିଡିଏଓ ରାୟଗଡା ମନୋଜ କୁମାର ପ୍ରଧାନ, ପିଡି ୱାଟର ସାଇଡ ଅରୁଣ କୁମାର ଦାଶ, କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାଯ୍ୟକାରି ହେଉଥିବା ଯୋଜନା ଗୁଡିକର ପ୍ରଚାର ଏବଂ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟର ବ୍ୟବସ୍ଥା ଆଦି ବ୍ୟବସ୍ଥା ଉପରେ ଉପସ୍ଥିତ ଅତିଥି ମାନେ ଚାଷି ମାନଙ୍କୁ ସଚେତନ କରିଥିଲେ।

ମ୍ୟାଲେରିଆରେ ଥରୁଛି କୋଟିଆ: ୧୦ ଶିଶୁ ଆକ୍ରାନ୍ତ

କୋରାପୁଟ, ୩୦/୧୨ (ନି.ପ୍ର): ପଟାଙ୍ଗି ବ୍ଲକ୍ କୋଟିଆ ଗ୍ରାମପୁଞ୍ଜରେ କାୟା ବିସ୍ତାର କରୁଛି ମ୍ୟାଲେରିଆ। ଫଗୁଣସିନେରୀ ଗାଁରୁ ସପ୍ତାହକ ମଧ୍ୟରେ ୧୦ ଶିଶୁ ମ୍ୟାଲେରିଆରେ ଆକ୍ରାନ୍ତ ହେଲେଣି। ଆଜି ଫଗୁଣସିନେରୀରେ ହୋଇଥିବା ସ୍ୱାସ୍ଥ୍ୟ ଶିବିରରୁ ୪ ଶିଶୁ ତୁଳା ହେରେକା (୧୦), ସନେଇ ହେରେକା(୫), ପ୍ରେମା ହେରେକା (୧୨) ଓ ରୀନା ନାଗା (୨)ଙ୍କ ମ୍ୟାଲେରିଆ ରିପୋର୍ଟ ପଜିଟିଭ୍ ଆସିଛି। ସେହିପରି ଶୁକ୍ରବାର ହୋଇଥିବା ସ୍ୱାସ୍ଥ୍ୟ ଶିବିରରେ ୬ ଶିଶୁଙ୍କ ସହ ମୋଟ୍ ୧୦ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଖାଲି ଫଗୁଣସିନେରୀ ନୁହେଁ ଫାଟୁ ସିନେରୀରେ ମଧ୍ୟ ସମାନ ଅବସ୍ଥା। ଫାଟୁସିନେରୀ ଓ ଫଗୁଣସିନେରୀରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବାରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ରକ୍ତ ନମୁନା ସଂଗ୍ରହ କରିଛି କୋଟିଆ ମେଡିକାଲ୍ ଟିମ୍। ଜଣେ ସୁପରଭାଇଜର, ଷ୍ଟାଫ୍‌ନର୍ସ ଓ ସହାୟକ ସ୍କ୍ରିନିଂ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଫାଟୁସିନେରୀରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍ ସ୍କ୍ରିନିଂ ଜାରି ରଖିଛି। ବର୍ଷା ଦିନ ବଦଳରେ ଶୀତରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଚିନ୍ତାରେ ପଡ଼ିଛନ୍ତି ମେଡିକାଲ୍ ଟିମ୍। କୋଟିଆ ଗ୍ରାମପୁଞ୍ଜର ବିଭିନ୍ନ ଗ୍ରାମରେ ଜ୍ୱର ଓ ମ୍ୟାଲେରିଆରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏହାର ସୁଯୋଗ ନେଇ ଗାଁରେ ମାତିଛନ୍ତି କ୍ୱାକ୍। ଆନ୍ଧ୍ର ଓ ପଶ୍ଚିମବଙ୍ଗ ନମ୍ବର ଥିବା ଗାଡ଼ିରେ ୪ରୁ ୫ ଜଣ କ୍ୱାକ୍ ବିଭିନ୍ନ ଗାଁରେ ପଇଁତରା ମାରୁଛନ୍ତି।

୩ କଲେଜ ନାଁରେ ମାଳମାଳ ଅଭିଯୋଗ: ତଦନ୍ତ କରିବେ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ

ଯାଜପୁରସଦର, ୩୦/୧୨ (ନି.ପ୍ର): ବିଭାଗୀୟ ଅନୁମତି ବିନା କଲେଜରେ କର୍ମଚାରୀଙ୍କୁ ମିଳୁଛି ନିଯୁକ୍ତି। ଛାତ୍ରୀନିବାସରେ ଧର୍ମୀୟ ପୂଜାର୍ଚ୍ଚନା ସହ କିଛି ଅଧ୍ୟାପକଙ୍କ ହାତରେ ଅଖଣ୍ଡ କ୍ଷମତା ଦିଆଯାଇଛି। ବିରୋଧ କଲେ ସିସିଆର ଖରାପ କରିଦେବାକୁ ଧମକ ମଧ୍ୟ ଆସୁଛି। କଲେଜ ଅଧ୍ୟକ୍ଷଙ୍କ ନାମରେ ଏପରି ମାଳମାଳ ଅଭିଯୋଗର ଫର୍ଦ୍ଦ ପହଞ୍ଚିଛି ଉଚ୍ଚଶିକ୍ଷା ବିଭାଗ ପାଖରେ। ଏହାକୁ ନେଇ ବିଭାଗୀୟ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ର ଭୁବନେଶ୍ୱର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏହାର ତଦନ୍ତ କରିବାକୁ କହିଛନ୍ତି। ଯାଜପୁରରେ ଉଚ୍ଚଶିକ୍ଷା ପାଇଁ ୧୯୪୬ ମସିହାରେ ପ୍ରଥମେ ନରସିଂହ ଚୌଧୁରୀ କଲେଜ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ସ୍ୱୟଂଶାସିତ ମାନ୍ୟତା ପାଇଥିଲା। ଏହା ଭିତରେ ଅନୁଷ୍ଠାନଟି ଯେତିକି ପୁରୁଣା ହେଉଛି, ସେତିକି ବିବାଦ ସାମ୍ନାକୁ ଆସୁଛି। କଲେଜ ଅଧ୍ୟକ୍ଷଙ୍କ ନାଁରେ ଅଭିଯୋଗର ଲମ୍ବା ଫର୍ଦ୍ଦ ପ୍ରଥମଥର ପାଇଁ ଉଚ୍ଚଶିକ୍ଷା ବିଭାଗ ପାଖରେ ପହଞ୍ଚିଛି। କଲେଜ ପରିଚାଳନା କ୍ଷେତ୍ରରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ବିଷ୍ଣୁଚରଣ ଦାସ ବ୍ୟାପକ ମନମାନି କରିଥିବା ନେଇ ପ୍ରକାଶ କୁମାର ବେହେରା ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷ ବିଭାଗର ଅନୁମତି ବିନା କଲେଜ ଅର୍ଥରେ ଅବସରପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତ କରିବା, ଜଣେ ଅଧ୍ୟାପକ ସରକାରଙ୍କଠାରୁ ଘରଭଡ଼ା ଅର୍ଥ ନେବା ସହ ଷ୍ଟାଫ୍ କ୍ୱାର୍ଟର୍ସ ମାଡ଼ିବସିଥିବା ଦର୍ଶାଯାଇଛି। ଅର୍ଡର-ଲି ପିଅନ ନିମନ୍ତେ ଅନୁମୋଦିତ ପଦବି ନଥିବାବେଳେ ଜନୈକା ମହିଳାଙ୍କୁ ନିଯୁକ୍ତି ଦେଇ ଅଧ୍ୟକ୍ଷ ତାଙ୍କ ରୁମ୍‌ରେ ବସାଉଥିବାର ଅଭିଯୋଗ ହୋଇଛି। ସେହିପରି କଲେଜର ଛାତ୍ରୀନିବାସରେ ଗାୟତ୍ରୀ ଯଜ୍ଞ କରାଯାଉଥିବାବେଳେ ପଢ଼ିଆରେ ବିବାହ ଓ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଅନୁମତି ଦିଆଯାଉଛି। ନିଜ ପସନ୍ଦର ଅଧ୍ୟାପକଙ୍କୁ ଚାରି ଚାରୋଟି ଦାୟିତ୍ୱରେ ରଖାଯାଇଛି। କଲେଜରେ ଅନେକ ମହିଳା ଅଧ୍ୟାପିକା ଥିବାବେଳେ ଜଣେ ଅଧ୍ୟାପକଙ୍କୁ ଛାତ୍ରୀନିବାସ ସପୁରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ଦିଆଯାଇଛି। ଏହାବାଦ୍ ଅଧ୍ୟାପକଅଧ୍ୟାପିକାଙ୍କ ଉପସ୍ଥାନ ମେସିନର ତଥ୍ୟ ଗାଏବ ହେବା ଓ ନୂତନ ଲାଗିଥିବା ମେସିନ କାଢ଼ି ନିଆଯାଇଥିବାର ଅଭିଯୋଗ କରାଯାଇଛି। ସେହିପରି ମାଧପୁର ଡିଗ୍ରି କଲେଜର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମିଶ୍ରଙ୍କ ନାମରେ ମଧ୍ୟ ବେଆଇନ ନିଯୁକ୍ତି, ଦରମା ନେଣଦେଣ ସମ୍ବନ୍ଧୀୟ ଅନିୟମିତତା ସଂପର୍କରେ ପରିଚାଳନା କମିଟି ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ବରୁଣେଶ୍ୱର କ ?ଲେଜର ବାଣିଜ୍ୟ ବିଭାଗ ଅଧ୍ୟାପକ କୃଷ୍ଣଚନ୍ଦ୍ର ଜେନାଙ୍କ ନାମରେ ସନ୍ତୋଷ କୁମାର ରାଉଳ ନାମକ ବ୍ୟକ୍ତି ଉଚ୍ଚଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗଗୁଡ଼ିକୁ ତୁରନ୍ତ ଯାଞ୍ଚ କରିବାକୁ ବିଭାଗୀୟ ସ୍ୱତନ୍ତ୍ର ସଚିବ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

କରୋନା ମୁକାବିଲା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ

ଗଞ୍ଜାମ, ୩୦/୧୨ (ନି.ପ୍ର): କରୋନା ମୁକାବିଲା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପ୍ରସ୍ତୁତ ବୋଲି ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟାତି ପରିଡା ସୂଚନା ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲାରେ ସେଭଳି ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇନାହିଁ । ଏଣୁ ଏଥିରେ କେହି ଭୟଭୀତ ହେବାର ଆବଶ୍ୟକତା ନାହିଁ । କିନ୍ତୁ, ସମସ୍ତେ ସରକାରକଂ ନିୟମାବଳୀ ମାନିବା ସହ ଭିଡକୁଗଲେ ମାସ୍କ ପିନ୍ଧି ସତର୍କ ରହିବାକୁ ହେବ। ଯଦି ଆବଶ୍ୟକ ପଡେ, ତାହାହେଲେ ବିଭିନ୍ନ ସ୍ଥାନରେ ଟେଷ୍ଟିଙ୍ଗସେଂଟର ଖୋଲାଯିବ । କୌଣସି ଗୁଜବକୁ ବିଶ୍ୱାସ ନକରିବାକୁ ଜିଲ୍ଲାପାଳ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ଜିଲ୍ଲାସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ମାଲକାନଗିରି, ୩୦/୧୨ (ନି.ପ୍ର): ମାଲକାନଗିରି ସଦର ମହକୁମା ଡିଏନକେ ଖେଳ ପଡିଆ ଠାରେ ଆଜି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏଥିରେ ପୌରପରିଷଦ ସମେତ ୭ ଗୋଟି ବ୍ଲକର କ୍ରୀଡାବିତ ମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି କ୍ରୀଡା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଚିତ୍ରକୋଣ୍ଡା ପୂର୍ଣ୍ଣ ଚନ୍ଦ୍ର ବାକା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସମାରୀ ତାଙ୍ଗୁଲ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ପିଏ ଆଇଟିଡିଏ ଶ୍ରୀମତୀ ଜୟଶ୍ରୀ ପ୍ରିୟଦର୍ଶିନୀ, ଜିଲ୍ଲା କ୍ରୀଡା ଅଧିକାରୀ ମାଧବ ପାର୍ଜି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ପୁଷ୍ପଗୁଚ୍ଛ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରାଯିବା ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀ ଶପଥ ପାଠ କରିଥିଲେ। ପରେ ପରେ ବିଧାୟକ ବିଧିବଦ୍ଧ ଭାବେ ପ୍ରତିଯୋଗିତାର ଘୋଷଣା କରିଥିଲେ। ଆଦିବାସୀ ନାଚ ଗୀତ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା କ୍ରୀଡା ଶିକ୍ଷକ ମାନେ ଆଜିର ଏହି ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ସୂଚନା ଅନୁଯାୟୀ ଆସନ୍ତାକାଲି ପର୍ଯ୍ୟନ୍ତ ଏହି କ୍ରୀଡ଼ା ପ୍ରତିଯୋଗିତା ଚାଲୁ ରହିବ।

ଭବାନୀପାଟଣାଠାରେ ଦ୍ୱିତୀୟ ଦିଶା କମିଟିର ବୈଠକ

ଭବାନୀପାଟଣା, ୩୦/୧୨ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ ପଣ୍ଡାଙ୍କ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୧ ଡିସେମ୍ବର ୨୦୨୩
email : rabibarachayan2015@gmail.com

ରବିବାର ଚୟନ

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ ଉପନ୍ୟାସ



ବୈଦେହୀ

ଡ.ଭାଗବତ ବେହେରା

'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୩୧

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ତୁମର ଏ ଅଧମ ସ୍ୱାମୀ ତାହା ଅଚିରେ ପୂର୍ଣ୍ଣ କରିବ । ସ୍ୱାମୀଙ୍କ ହାତଧରି ମୋ ଶାଶୁ କହିଥିଲେ, ନାଁ ସ୍ୱାମୀ ଆଜି ନୁହେଁ, ସମୟ ଆସିଲେ ମୁଁ ତାହା କହିବି । ମୁଁ ଜାଣେ ତୁମେ ମୋ କଥା ନିଶ୍ଚୟ ରଖିବ । ତୁମେ ଯଜ୍ଞର ଆୟୋଜନ କର । ରାମକୁ ସିଂହାସନରେ ବସାଇବାର ଦିନ ଧାର୍ଯ୍ୟ କର । ସେହି ଆନନ୍ଦ ମୁହୂର୍ତ୍ତରେ ମୁଁ ଆପଣଙ୍କୁ କିଛି ମାଗିବି ମୋତେ ତାହା ଦେବେ ତ ସ୍ୱାମୀ ।"

ଏକଥା ଶୁଣି ମହାରାଜ ଦଶରଥ ହସିହସି କହିଥିଲେ, ତୁମର କ'ଣ କିଛି ଅଭାବ ମୁଁ ରଖିଛି କୈକେୟୀ? ଯେତେବେଳେ ତୁମେ ଯାହା ଚାହିଁଛ, ଯାହା ମାଗିଛ ମୁଁ ତାହା ଅଚିରେ ଦାନ କରିଛି । ଆଉ ଆଗକୁ ଯାହା ମାଗିବ ତାହା ତୁମକୁ ନଦେବି ବୋଲି ଭାବୁଛ କାହିଁକି ? ନାଁ ସ୍ୱାମୀ କଥା ପ୍ରସଂଗରେ ମୁଁ ଏମିତି କହିଦେଲି । ମୁଁ ଜାଣେ ମୁଁ ଯାହା ମାଗିବି, ଏପରିକି ଆକାଶର ଚାନ୍ଦ ମାଗିଲେବି ଆପଣ ତାହା ତୋଳିଆଣି ମୋ ହସ୍ତରେ ଦେବାକୁ ଚେଷ୍ଟା କରିବେ । ମୋ ଉପରେ ବିଶ୍ୱାସ ରଖନ୍ତୁ ସ୍ୱାମୀ! ମୁଁ ଆପଣଙ୍କୁ ଏପରି କିଛି ମାଗିବି ନାହିଁ ଯାହା ଆପଣ ଦେବେକି ନାହିଁ ଚିନ୍ତା କରିବେ। ଆପଣଙ୍କୁ ଆଜି ଗୋଟାଏ କଥା ମୁଁ ସ୍ମରଣ କରିଦେଉଛି ସ୍ୱାମୀ, ସତ୍ୟ ପାଶରେ ଆବଦ୍ଧ ହୋଇ ମୋତେ ଦୁଇଟି ବର ଦେବାପାଇଁ ପୂର୍ବେ ଆପଣ ଶପଥ କରିଛନ୍ତି । ମୁଁ କହିଥିଲି ମୋର ଆବଶ୍ୟକ ହେଲେ ମୁଁ ତାହା ମାଗିନେବି । ସେହି ସତ୍ୟାବଦ୍ଧ ବର ଦୁଇଟି ଯଦି ମୁଁ ମାଗେ, ଆପଣ କ'ଣ ତାକୁ ଅଗ୍ରାହ୍ୟ କରିବେ ସ୍ୱାମୀ ।

ଶାଶୁଙ୍କର ଏପରି କଥା ଶୁଣି ମୋ ଶଶୁର କହିଥିଲେ, କୈକେୟୀ! ରଘୁକୁଳର ତିଳକ ସୂର୍ଯ୍ୟବଂଶର ରାଜା ମୁଁ ଦଶରଥ । ସେ ବଚନ ଦେଇ ଶିଖିଛି, ଫେରାଇନେଇ ଶିଖିନାହିଁ । ତୁମ ସେବା ଶୁଶ୍ରୁଷାରେ ସନ୍ତୁଷ୍ଟ ହୋଇ ମୁଁ ତୁମକୁ ଦୁଇଟି ବର ଯାଚିଥିଲି । ତୁମ କଥାରଖି ସେଦିନ ମୁଁ ଚନ୍ଦ୍ର, ସୂର୍ଯ୍ୟ, ଦଶ ଦିଗପାଳଙ୍କୁ ସାକ୍ଷୀ ରଖି ତ୍ରିବାର ସତ୍ୟ କରି କହିଥିଲି, କୈକେୟୀ ତୁମେ ଯାହା ମାଗିବ, ମୁଁ ଅକୁଣ୍ଠ ଚିତ୍ତରେ ତାହା ଦାନ କରିବି । ଏପରିକି ମୋ ଜୀବନ ମଧ୍ୟ ।

ମୋ ଶଶୁରଙ୍କ ପାଟିରେ ହାତଦେଇ ମୋ ଶାଶୁ କହିଥିଲେ, "ସେକଥା ମୁଁ ଜାଣେ ସ୍ୱାମୀ । ଆପଣଙ୍କ ସତ୍ୟକୁ ମୁଁ ସ୍ମରଣ କରାଇଦେଲି । ଏବେ ଆପଣ ରାମ ରାଜ୍ୟାଭିଷେକର ଆୟୋଜନ କରନ୍ତୁ । ଅପରୂପ ସୌନ୍ଦର୍ଯ୍ୟରେ ସଜାଇ ଦିଅନ୍ତୁ ଅଯୋଧ୍ୟାପୁରୀକୁ । ସେଥିପାଇଁ ଯେତେ ଅର୍ଥ ଖର୍ଚ୍ଚ ହେବ ତାହା ରାଜକୋଷରୁ ଅକୁଣ୍ଠ ଚିତ୍ତରେ ଖର୍ଚ୍ଚ କରନ୍ତୁ । ରାମ ମୋର ରାଜା ହେବ । ଏହାଠାରୁ ବଳି ଆନନ୍ଦ ମୋ ଜୀବନରେ ଆଉ କ'ଣ ଆସିବ?

ଅଯୋଧ୍ୟାରେ ଆରମ୍ଭ ହୋଇଥିଲା ରାଜ୍ୟାଭିଷେକ ଉତ୍ସବ । ଶଶୁର ମୋର ମହାଆନନ୍ଦରେ ମଗ୍ନ ହୋଇ ଯାଇଥିଲେ । ଅଯୋଧ୍ୟାର ନଗ୍ରେନଗ୍ରେ ଗ୍ରାମେଗ୍ରାମେ ପ୍ରଜାକୁଳଙ୍କୁ ଡେଂଗୁରା ଦେଇ ଜଣାଇ ଦିଆ ଯାଇଥିଲା ଏ ଅଭିଷେକ ଉତ୍ସବ ପାଳନ କରିବାକୁ । ମୋ ଶଶୁର ଯାଜ୍ଞିକ ବ୍ରାହ୍ମଣ, ମୁନିଋଷିଙ୍କୁ ଡକାଇ ଯଜ୍ଞର ଆୟୋଜନ କଲେ । ଅଭିଷେକ ଉତ୍ସବର ସାତଦିନ ପୂର୍ବରୁ ଅଯୋଧ୍ୟାରେ ଆୟୋଜିତ ହେଲା ଯଜ୍ଞାନୁଷ୍ଠାନ, ଦେବପୂଜନ ଆଦି କର୍ମ । ସେଦିନର ସେକଥା ଆଜି ମୋ ମାନସପଟରେ ଉଙ୍କିମାରି ମୋତେ ଯେ କେବଳ ଦୁଃଖ ଦେଉଛି ତାହା ନୁହେଁ ସୁଧାମୟୀ! ମୁଁ ଭାବୁଛି ମୋର କେଉଁଠି ଭୁଲ୍ କିମ୍ବା ଦୋଷତ୍ରୁଟି ରହିଗଲାକି ଯାହା ଫଳରେ ସୁଘଟଣାଟି ଦୁର୍ଘଟଣାର ରୂପ ନେଲା ।

ଆମେ ସେ ଦୁଃଖ କାହାଣୀ ସମ୍ପର୍କରେ କିଛି ଅବଗତ ହୋଇଛୁ ଦେବୀ । ମା' ଅନୁକମ୍ପା ଆମକୁ ଅଯୋଧ୍ୟାର ଅନେକ କଥା ଶୁଣାଇ ସାରିଲେଣି । ଆପଣଙ୍କର ମଧ୍ୟମା ଶାଶୁ କୈକେୟୀ ସବୁ ଦୁର୍ଭାଗ୍ୟର କାରଣ ।

ନାଁ ସୁଧାମୟୀ । ତାଙ୍କୁ କାହିଁକି ଦୋଷ ଦେଉଛ । ସବୁ ଦୋଷ ମୋ ଫଟାକପାଳର । ମୁଁ ଅଯୋଧ୍ୟାକୁ ବଧୂବେଶରେ ଯିବାପରେ ଏ ଘଟଣା ଘଟିଲା । ଅଯୋଧ୍ୟାରେ କେହିକେହି କହିଥିବା କଥା ମୋ କାନକୁ ଆସିଛି, "ଜନକ ନନ୍ଦିନୀ ଅଲକ୍ଷ୍ମୀ । ସେ ଅଯୋଧ୍ୟାରେ ପାଦ ଦେଲାପରେ ଏମିତି ଅଘଟଣ ଘଟିଲା । ମୋ ସ୍ୱାମୀ ଯଦି ମୋ ହାତ ଧରିନଥାନ୍ତେ.... ।" କଥା କହୁକହୁ ଦେବୀଙ୍କ ଚକ୍ଷୁରୁ ଲୁହ ଝରିପଡୁଥିବାର ଦେଖି ପ୍ରୀତିଦା ନିଜ ପଣତରେ ସେ ଲୁହକୁ ପୋଛି ଦେଇ କହିଥିଲେ, "ଯେଉଁମାନେ ଏପରି କହୁଥିବେ, ସେମାନେ ଜୀବନରେ କାହାରି ସୁଖ କେବେ ଦେଖି ନଥିବେ ଦେବୀ । ଆପଣ ସେ କଥା ଏଇଠି ବନ୍ଦ କରନ୍ତୁ । ଆମେ ଆଉ ସେ କାହାଣୀ ଶୁଣିବୁ ନାହିଁ ।"

ନାଁ ପ୍ରୀତିଦା । ତୁମେମାନେ ମୋର ଏକାନ୍ତ ଅନ୍ତରଂଗା ତୁମେମାନେ ମୋ ଅନ୍ତରବେଦନାକୁ ଶୁଣି ଅନୁଭବ କର । ମୋ କାହାଣୀ ଶୁଣି ମୋତେ କୁହ ମୋର ଭୁଲ୍ ରହିଲା କେଉଁଠି ?

ଅଯୋଧ୍ୟାରେ ଯଜ୍ଞ କାର୍ଯ୍ୟ ସମାପନ ହେଲା। ତହିଁ ପରଦିନ ମୋ ସ୍ୱାମୀଙ୍କର ରାଜ୍ୟାଭିଷେକ ହେବ । ଅଯୋଧ୍ୟାର ପ୍ରଜାକୁଳ ସହସ୍ର ସହସ୍ର ସଂଖ୍ୟାରେ ଆସି ଠୁଳ ହେଲେ ତାଙ୍କ ଭାବି ରାଜାଙ୍କ ଅଭିଷେକ ଉତ୍ସବ ଦେଖିବାପାଇଁ। ଅଂଗ, ବଂଗ, କଳିଙ୍ଗ, ସୌରାଷ୍ଟ୍ର ଆଦି ବିଭିନ୍ନ ରାଜ୍ୟର ରାଜାମାନଙ୍କୁ ମୋ ଶଶୁର ଆମନ୍ତ୍ରଣ କରିଥିଲେ, ଉତ୍ସବରେ ଯୋଗ ଦେବା ପାଇଁ । ନାନା ଉପହାର, ଉପଢୌକନ ସହିତ ସେମାନେ ଆସି ଅଯୋଧ୍ୟାରେ ପହଞ୍ଚି ଯାଇଥିଲେ । ବଶିଷ୍ଠ, ବିଶ୍ୱାମିତ୍ର ଆଦି ଋଷିମାନେ ଅଯୋଧ୍ୟାରେ ସାତଦିନ ପୂର୍ବରୁ ଆସି ରହିଛନ୍ତି । ଅଭିଷେକ ଉତ୍ସବ ସରିଲେ ସେମାନେ ଆଶ୍ରମକୁ ଯାତ୍ରା କରିବେ । ବେଦପାଠ ପାଇଁ ବେଦଜ୍ଞ ବ୍ରାହ୍ମଣ ନୃତ୍ୟ ସଂଗୀତ ପରିବେଷଣ ପାଇଁ ନୃତ୍ୟାଙ୍ଗନା, କଣ୍ଠଶିଳ୍ପୀ, ବାଦ୍ୟକାର ସବୁ ଆସି ଅଯୋଧ୍ୟାରେ ପହଞ୍ଚି ଯାଇଥିଲେ । ରାତି ପାହି ପ୍ରଭାତ ହେବାମାତ୍ରେ ସେମାନେ ପ୍ରତ୍ୟେକ ନିଜନିଜ କର୍ମ ସମ୍ପାଦନ କରିବେ । ଦଶ ସହସ୍ର ସୁବର୍ଣ୍ଣ କଳସରେ ଗଂଗା, ଯମୁନା, ସରସ୍ୱତୀର ନୀରଭରି ତା ଉପରେ ନାରିକେଳ ପାଟବସ୍ତ୍ର ଦେଇ ଅଯୋଧ୍ୟା ନଗରୀର ଚତୁଷ୍ପାର୍ଶ୍ୱରେ ସ୍ଥାପନ କରାଯାଇଛି । ଆନନ୍ଦ ମହୋତ୍ସବରେ ଅଧୀର ଅଯୋଧ୍ୟା ନଗରୀ। ରାତି ପାହିଲେ ରାମ ରାଜା ହେବେ ।

ସେଦିନ ସନ୍ଧ୍ୟାରେ ମୋ ସ୍ୱାମୀ ମୋତେ କହିଥିଲେ ସୀତେ, ଆଜି ପର୍ଯ୍ୟନ୍ତ ତୁମେ ରାମର ଘରଣୀ ହୋଇ ରହିଥିଲ । ରାତି ପାହିଲେ ତୁମେ ହେବ ଅଯୋଧ୍ୟାର ରାଜରାଣୀ । ଜଣେ ସାଧାରଣ ସ୍ତ୍ରୀର ଜୀବନ ଠାରୁ ରାଜରାଣୀର ଜୀବନ...

ଦୁଃଖ ପୂର୍ଣ୍ଣ ଏଇକଥା ଆପଣ କହିବାକୁ ଚାହୁଁଛନ୍ତି ତ ସ୍ୱାମୀ । ଏ ରାଜ୍ୟକୁ ଯେତେ ଦୁଃଖ, ଯେତେ ଯାତନା ଆସିବ ସେ ସମସ୍ତ ମୋ ଉପରେ ବୋଝ ହୋଇଯାଉ, ତାହା ମୁଁ ସହିବି ସ୍ୱାମୀ । ହେଲେ ମୋ ରାଜ୍ୟର ପ୍ରଜା କିମ୍ବା ମୋ ସ୍ୱାମୀଙ୍କ ଉପରକୁ କୌଣସି ଦୁଃଖ, ଶୋକ ନଆସୁ ।

ଜାନକୀ! ମୋ କଥା ଶୁଣି ମୋ ସ୍ୱାମୀ ଚମକି ଉଠିଥିଲେ । ତାଙ୍କୁ ଶୁଣାଇ ମୁଁ କହିଥିଲି, ଏହା ମୋର ସତ୍ୟ ନୁହେଁ ଶପଥ ସ୍ୱାମୀ । ସେଇଥିପାଇଁ ଆଜକୁ ସାତଦିନ ଧରି ତୁମ ଜାନକୀ ଅନ୍ନ ଜଳ ଗ୍ରହଣ ନକରି ଅଖଣ୍ଡ ଦୀପ ଜାଳି ବସିଛି । କାଲି ରାଜ୍ୟାଭିଷେକ ପରେ ମୋ ବ୍ରତକୁ ମୁଁ ବିସର୍ଜନ ଦେବି ସ୍ୱାମୀ ।

ସୀତେ! ଅତି ଆବେଗରେ ମୋ ସ୍ୱାମୀ ମୋତେ କୋଳ କରି ନେଇ କହିଥିଲେ, "ଧନ୍ୟ ଧନ୍ୟ ତୁମେ ଜାନକୀ । ଧନ୍ୟ ତୁମର ନିଷ୍ଠା । ତୁମ ପରି ପତ୍ନୀ ପାଇ ଏ ରାମର ଜୀବନ ଜନ୍ମଜନ୍ମ ପାଇଁ ସାର୍ଥକ ହୋଇଯାଇଛି ।

ମହାନନ୍ଦ ମହାସୁଖରେ ପାହିଥିଲା ଅଯୋଧ୍ୟାର ସେଦିନର ରାତ୍ରି ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

ପ୍ରସଙ୍ଗ (୨) ଜଡାତେଲ ମେଣ୍ଢାବାଳ...

ସୃଷ୍ଟିଧର ପରିଡା



'ଏବେ ଗଣତନ୍ତ୍ରର ଅସ୍ତିତ୍ୱ ଦୁଇଟି ଖମ୍ବରେ ସୀମିତି । ପ୍ରଥମଟି ହେଲା ବାସ୍ତବ ଗଣତନ୍ତ୍ର ଓ ଦ୍ୱିତୀୟଟି ହେଲା ପ୍ରକ୍ରିୟାଗତ ଗଣତନ୍ତ୍ର। ବାସ୍ତବ ଗଣତନ୍ତ୍ରରେ ସାମାଜିକ, ଅର୍ଥନୈତିକ ଅସମାନତାକୁ ହ୍ରାସ କରିବାପାଇଁ ନିଜେ ବ୍ୟକ୍ତି ହିଁ ପ୍ରୟାସ କରିଥାଏ ଓ ରାଷ୍ଟ୍ରର ବିକାଶ ପାଇଁ ରାଜନେତାଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖି ସକ୍ରିୟ ଗଣତନ୍ତ୍ରରେ ଅଂଶଗ୍ରହଣ କରି ଦେଶର ଓ ନିଜର ଅସ୍ତିତ୍ୱକୁ ପରିପ୍ରକାଶ କରିଥାଏ। ଦ୍ୱିତୀୟ ପ୍ରତିକ୍ରିୟାଶୀଳ ଗଣତନ୍ତ୍ରରେ ଲୋକମାନେ କେବଳ ସରକାରୀ ନୀତିର ଉପଭୋକ୍ତା ହୋଇଥାନ୍ତି, ସମାଜ ଓ ନିଜର ବିକାଶ ପରିବର୍ତ୍ତେ ଶାସନ ବ୍ୟବସ୍ଥା ଉପରେ ଅଧିକ ନିର୍ଭର କରିଥାନ୍ତି। ସବୁବେଳେ ମାଗଣାରେ ଖାଇବା, ମାଗଣାରେ ପିନ୍ଧିବା, ସରକାରଙ୍କଠାରୁ ମାଗଣାରେ ନେବା ନୀତି ଉପରେ ହିଁ ନିଜ ଜୀବନକୁ ବିତାଇଥାନ୍ତି। ଯେତେବେଳେ ବ୍ୟକ୍ତିଜଣକ ଅତ୍ୟଧିକ ଆଶା ଓ ଦାବି ସରକାରଙ୍କ ଉପରେ ରଖିଥାଏ ସେତେବେଳେ ଜଣାଯାଏ ସେ ମାଗଣା ଜିନିଷ ଅର୍ଥାତ୍ ଭିକ୍ଷାଥାଳ ଉପରେ ଅଧିକ ନିର୍ଭରଶୀଳ। ଏ ପ୍ରକାର ଗଣତନ୍ତ୍ର ଆଜି ଆମ ଦେଶରେ ଚାଲୁଛି। ସମସ୍ତେ ସବୁ ବୁଝୁଛନ୍ତି କିନ୍ତୁ ନବୁଝିବାର ଛଳନାକୁ ଗ୍ରହଣ କରିନେଉଛନ୍ତି । ସାଧାରଣ ଲୋକ ଦେଖିବାକୁ ଦୁଇଟି ପ୍ରମୁଖ ଦଳ, କିନ୍ତୁ ଭିତରେ ଗୋଟାଏ । ବୁଝିଲ ଅବିନାଶ, କେତେକ ଭୋଟର ରାଜନୈତିକ ଦଳମାନଙ୍କ ସହ ଅବୈଧ ସମ୍ପର୍କ ଓ ପରକୀୟା ପ୍ରୀତିରେ ମାତିଛନ୍ତି । ଭାବୁଛନ୍ତି କେହି କିଛି ଜାଣିପାରୁ ନାହାନ୍ତି ।'

ମୋ କଥା ଶୁଣି ଅବିନାଶ ହସିଦେଲା ଅବିନାଶ । କହିଲା, ମୁଁ ତ କେବଳ ପୁରୁଷ ଓ ନାରୀଙ୍କ ମଧ୍ୟରେ ଅବୈଧ ସମ୍ପର୍କ ଓ ପରକୀୟା ପ୍ରୀତି ବିଷୟରେ ଜାଣିଥିଲି। ମାତ୍ର ଏଠି ଭୋଟର ଓ ରାଜନୈତିକ ଦଳ ସମ୍ପର୍କରେ ଆପଣଙ୍କଠୁ ଶୁଣି ମୋତେ ଆଶ୍ଚର୍ଯ୍ୟ ଲାଗୁଛି। ଇଏ କି ପ୍ରକାର କମ୍ବିନେସନ ?

କହିଲି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଆମ ଦେଶରେ ଯେଉଁପ୍ରକାର ରାଜନୀତି ଚାଲିଛି, ସେଥିରେ ଭୋଟର ଓ ନେତାଙ୍କର ସମ୍ପର୍କ ସୀମିତ ରହିଛି କେବଳ ଦେବାନେବାର ପ୍ରକ୍ରିୟା ଭିତରେ। ଯିଏ ଯେତେ ଅଧିକ ଦେଇ ନେଇପାରିଲା ସେ ହିଁ ହେଲା ନେତା। ଭୋଟରମାନେ ତ ସବୁବେଳେ ନିଷ୍କ୍ରିୟ । ବର୍ଷା ଯୁଆଡେ ଛତା ସିଆଡେ ଦେଖେଇ ନିଜ ସଚେତନହୀନତାର ପରିଚୟ ଦେଇଥାନ୍ତି । ଜାଣିଛ ନିକଟରେ ବାଲିଆପାଳରେ ଏକ ସଭାରେ ଯୋଗଦେବା ପାଇଁ କେତେଜଣ ଲେଖକ ବନ୍ଧୁଙ୍କ ସହ ଯାଉଥିଲି। ବାଟରେ ଚା' ପିଇବାକୁ ଅଟକିବା ସମୟରେ ଦେଖିଲି ଜଣେ ବୟସ୍କା ବୃଦ୍ଧା ମଧ୍ୟ ଚେୟାରରେ ବସି ଚା' ପିଉଛନ୍ତି । ଯଦିଓ ସୁସ୍ଥ ସବଳ ଦିଶୁଛନ୍ତି କିନ୍ତୁ ଏକୁଟିଆ, ସାଙ୍ଗରେ କେହିନାହାନ୍ତି ।

କଥାଛଳରେ ମୁଁ ତାଙ୍କୁ ପଚାରିଥିଲି, ମାଉସୀ ଆପଣଙ୍କର ବୟସ କେତେ ହେବ।

ମାଉସୀ କହିଲେ, ଚାରିକୋଡ଼ିରୁ ଅଧିକ ହେଲାଣି। ତଥାପି ଭଗବାନ ନଉନାହାନ୍ତି । ଖାଲି ବଂଚି ରହି ଯନ୍ତ୍ରଣା ଭୋଗିବା କଥା ।

ତାଙ୍କ ସହ କିଛି ସମୟ କଥା ହେବା ପରେ ମାଉସୀ ତାଙ୍କ ଘର ସେଇ ପାଖ ଗାଁରେ ବୋଲି କହିଲେ । ସେଇ କଥା ପ୍ରସଙ୍ଗରେ ତାଙ୍କୁ ପଚାରିଥିଲି, ମାଉସୀ ଏଥର କାହାକୁ ଭୋଟ୍ ଦେବେ ।

ମାଉସୀ କହିଲେ, ବାପା ସମସ୍ତେ ତ ଚୋର। କାହାକୁ ଆଉ ଭୋଟ ଦେବି !

ଏହି ସମୟରେ ସେଇ ଛକରେ କଣ ହେଲା କେଜାଣି, ହଠାତ୍ କେତେଜଣ ଠେଲାଠେଲି ଧସ୍ତାଧସ୍ତି ହୋଇ ପାଟି କରିବାର ଶବ୍ଦ ଶୁଭିଲା। ସେମାନଙ୍କୁ ଦେଖେଇ ମାଉସୀ କହିଥିଲେ, ଦେଖୁନୁ ବାପା ଏମାନଙ୍କୁ, ଏମାନେ ସବୁ ଆମରି ଗାଁର । ସବୁ ସେଇ ରାଜନୀତିଆ ଲୋକ, ସବୁବେଳେ ଏମାନଙ୍କ ଭିତରେ ଗଣ୍ଡଗୋଳ। ଆମର ଏଠି ବିଜେଡ଼ି ଓ ବିଜେପି ଭିତରେ ସବୁବେଳେ ଟକରାଟକରି ଆଉ ଗଣ୍ଡଗୋଳ । କି ରାଜନୀତି କରୁଛନ୍ତି ଏମାନେ କେଜାଣି !

ମାଉସୀଙ୍କ କଥାଶୁଣି କହିଲି, ମାଉସୀ ସମସ୍ତେ ତ କହୁଛନ୍ତି ନାଁକୁ ଏମାନେ ଦୁଇଟି ଦଳ, କିନ୍ତୁ ଭିତରେ ଗୋଟେ । ଖାଲି ପତକା ଅଲଗା।

ମାଉସୀ କହିଲେ, ତୁ ଠିକ୍ କଥା କହିଛୁଲୋ ବାପା । ମଇଁଷି ଶିଙ୍ଗ ଫଟା, ଜୁଝିଲା ବେଳକୁ ଗୋଟା। ଏମାନଙ୍କର ବଡ ନେତାମାନଙ୍କର ଭିତରେ ଭିତରେ ଚୋରା ପୀରତି ଉପରେ ଲୋକ ଦେଖାଣିଆ ଗଣ୍ଡଗୋଳ । ଏଇ ଗାଁ ଲୋକମାନେ କର୍ମୀ କର୍ମୀ ହୋଇ ଖାଲିଟାରେ ନିଜ ନିଜ ଭିତରେ ବାଡ଼ିଆପିଟା ହେଉଛନ୍ତି । ଆମେ ବୁଢାଲୋକଗୁଡା ସବୁ ବୁଝିପାରୁଛୁ, ଏମାନେ କଣ ବୁଝିପାରନ୍ତେ ନାହିଁ ?

- ତଥାପି ଆପଣ କାହାକୁ ଭୋଟ ଦେବେ ମାଉସୀ? ଏବେ ତ ସରକାର ସ୍ତ୍ରୀ ଲୋକମାନଙ୍କ ସୁବିଧା ପାଇଁ ବହୁତ ଆଇନ କଲେଣି, ବହୁତ ସୁବିଧା ଦେଲେଣି ।

ମୋ ମୂଳ ପ୍ରଶ୍ନକୁ ଏଡେଇ ଯାଉ ଯାଉ ମାଉସୀ କହିଲେ, ସେ ସମୟ ଆସୁ ଦେଖିବା । ହେଲେ ଯୋଉ ସ୍ତ୍ରୀଲୋକମାନଙ୍କ ସୁବିଧା କଥା କହିଲୁ ନା ବାପା, ସେଥିରେ ସୁବିଧା କମ୍ ଅସୁବିଧା ବେଶି । ଗାଁରେ ଆମ ବୟସର ବୁଢୀଲୋକ ପରା ଏବେ ଚୁଲିମୁଣ୍ଡ ଜଗୁଛନ୍ତି ! ବୋହୂମାନେ କଣ ଆଉ ଘରେ ରହୁଛନ୍ତି ? ରାଜନୀତି ଲୋକମାନେ ତ ସେମାନଙ୍କୁ ଦିନରେ ଜହ୍ନ ଦେଖେଉ ଦଉଛନ୍ତି । ହାତୀ ଦବୁ, ଘୋଡା ଦବୁ, ସ୍କୁଟି ଦବୁ, ଫୋନ ଦବୁ କହି ଏଠିକି ସେଠିକି ଡାକି ନଉଛନ୍ତି । ଘର ଆଉ ଘର ହେଇ ନାହିଁରେ ବାପା । ସବୁ ଦଳ ସବୁ ନେତା ଗୋଟିଏ ନାଆର ନାଉରୀ। ନିଜ ନିଜ ସ୍ୱାର୍ଥ ପାଇଁ ଲୋକଙ୍କୁ ବ୍ୟବହାର କରୁଛନ୍ତି। ହେଲେ ସାଧାରଣ ଲୋକ ଏ ସୁବୁକୁ କଣ ବୁଝୁଛନ୍ତି।

ମାଉସୀଙ୍କ ଠାରୁ ଏତେ ତତ୍ତ୍ୱ ଶୁଣି ମୁଁ ବିସ୍ମିତ ହେଉଥିଲି। ପଚାରିବାରୁ ମାଉସୀ କହିଲେ ସିଏ ଶିକ୍ଷୟିତ୍ରୀ ଥିଲେ । ତାଙ୍କ ପିଲାମାନେ ଏବେ ଆମେରିକାରେ ଅଛନ୍ତି । ମଉସା ଗଲା ପରଠୁ ସିଏ ଗାଁରେ ଏକୁଟିଆ । ଘରେ ଥିବା ବହିମାନେ ହିଁ ତାଙ୍କ ସାଥୀ । ବେଳେବେଳେ ସିଏ ଏଇ ଛକ ଚା' ଦୋକାନକୁ ଆସନ୍ତି । ଦୋକାନୀଟି ସମ୍ପର୍କରେ ତାଙ୍କର ନାତି । ସେଇଠି ବସନ୍ତି । ଆମକୁ ସବୁ ଲେଖକ ବୋଲି ଜାଣିଲାପରେ ସିଏ ଭାରି ଖୁସି ହୋଇଥିଲେ । ମୋର ରାଜନୀତି ସଂକ୍ରାନ୍ତୀୟ ପ୍ରଶ୍ନ ଶୁଣି କହିଲେ, କହିଁକି ସେ ରାଜନୀତି କଥା ପାଟିରେ ଧରୁଚୁ ବାପା, ତୋ ଜିଭରେ ପରା ମା' ସରସ୍ୱତୀଙ୍କ ବାସ । ଯିଏ ଯାହାକୁ ଭୋଟ ଦଉଚି ଦଉ, ଯିଏ ଜିତୁଚି ଜିତୁ, ଆଉ କଣ କିଛି ବଦଳିବ ? ସ୍ୱାର୍ଥ ଥିଲେ ସେମାନେ ଜଡାତେଲ ସ୍ୱାର୍ଥ ସରିଲେ ମେଣ୍ଢାବାଳ । ଆମେ ସାଧାରଣ ଲୋକମାନେ ଭକୁଆ । ସେଥିରେ ମାତି ସମୟ ସାରୁଛୁ ଯାହା ।

ମୋ କଥା ଶୁଣି ଅବିନାଶ କହିଲା, ଆହା ! ମାଉସୀ କଥା ଭଳିଆ କଥା ପଦେ କହିଲେ ଯାହା । ସତରେ ଭାଇ, ଆମେ ସବୁ ଭକୁଆ ।

❤ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର-୧
(ମୋ) ୯୪୩୭୦୬୩୭୦୫

କବିତା...

॥ ମହାକାଳ ॥

ଶରତ କୁମାର ଦାସ

କାହା ନିର୍ଦ୍ଦେଶରେ
ଆଜିର ସକାଳ
ହାଣ ଖାଇଲା, ଖିନଭିନ ହେଲା
ମୁଁ ଜାଣେନି
ତେବେ, ମୋ ଧୀର ସ୍ୱରରୁ
ଗହନ ଆବାଜ ଶୁଭୁଥିଲା
ଏ ଯୁଦ୍ଧ ଶେଷ ନ ହବା ଯାଏ
ନୂତନ ସକାଳର ଉଦୟ ହବନି

ତା ଖିନଭିନ ଓଠ
ସ୍ମିତ ହସି ନିରବି ଗଲା
ଓଲଟ ପାରା ପରି
ଆକାଶରୁ ଖସୁଥିଲା
ଅଗ୍ନିବର୍ଷୀ ଉଲକାପିଣ୍ଡ
ଖୁବ ଚତୁର ଶୈଳୀରେ ଗର୍ଜୁଥିଲା
ଗୁଳିଗୋଳା କମାଣର
ନିର୍ମମ ଆତଙ୍କ
ପ୍ରତିପକ୍ଷଙ୍କ ରକେଟ ଓ ମିଜାଇଲ ମାଡ଼ରେ
ଖସିପଡୁଥିଲା
ପୁରୁଣା କାନ୍ଥର ପଲସ୍ତରା ପରି
ନିରୀହ ମଣିଷଙ୍କ ଗଳିତ ଶବ
ଯା ଭିତରେ
କେଉଁ ଆତତାୟୀର ଗୁଳି ଚୋଟରେ
ମୋ ଧମନୀର ସବୁ ରକ୍ତ ଶୁଖିଯାଇଥିଲା
କାଲିର ସକାଳର ରୂପକଳ୍ପ ଦେଖିବାକୁ
କୁଢ଼କୁଢ଼ ଶବ ପରେ ଚାଲୁଥିବା
ଛୋଟ ଛୋଟ କୀଟ ବି ନଥିଲେ

କେବଳ ଲାଲ ରକ୍ତର ଛିଣ୍ଡା ମସିଣା ତଳେ
ମୁହଁ ମାଡି ପଡ଼ିରହିଥିଲା
ମହାକାଳର ଭୀଷଣ ରୂପ

ମତ୍ତ ହସ୍ତୀ ପରି
ଆକାଶ ଫଟେଇ ଉଇଁ ଆସୁଥିବା ସୂର୍ଯ୍ୟ
ଆମନ୍ତ୍ରଣ କରୁ ନ ଥିଲା
ସଦ୍ୟ ସକାଳକୁ ।

❤ ପା

ମନଗହନ

"ଏବେ ଗୁଡାଏ ପତ୍ରପତ୍ରିକା ଫର୍ଦ୍ଦରେ ଅନେକ ଲେଖକ ପୁସ୍ତକ ଆଲୋଚନା ଠାରୁ ଆରମ୍ଭ କରି ସାହିତ୍ୟ ସମାଲୋଚନା କରୁଛନ୍ତି ରଚନା । ସେମାନେ କେଉଁ ପଦ୍ଧତି ବା ଶୈଳୀରେ ତାହା ଲେଖୁଛନ୍ତି, ସେମାନେ ଜାଣିନାହାନ୍ତି । ବହିର ସ୍ୱାଦ ହୋଇଛି କେମିତି, କେମିତି ହେବା ଉଚିତ୍ ଏବଂ କେମିତି ହୋଇଥିଲେ ଅଧିକ ସୁଖ (ନାନ୍ଦନିକ ତୃପ୍ତି) ବହିଟି ଦେଇ ପାରିଥାନ୍ତା, ତାହା ସେମାନେ କହି ପାରନ୍ତି ନାହିଁ । ସାହିତ୍ୟ ସମାଲୋଚନାର ସୁସ୍ଥ ଜ୍ଞାନ ସେମାନଙ୍କର ଅଭାବ; ତାହା ପତ୍ରିକା ସମ୍ପାଦକମାନେ ମଧ୍ୟ ବୋଧ କରନ୍ତିନାହିଁ । କାହାକୁ ଅଯଥା ପ୍ରଚୁର ପ୍ରଶଂସା ତ କାହାକୁ କିଛିଟା ଗାଳି ବ୍ୟକ୍ତିଗତ ଲାଭ ବା ଈର୍ଷାରୁ ଦେଇଦେଲେ ସମାଲୋଚନା ହୁଏନାହିଁ । କେହି କେହି ସମାଲୋଚକଙ୍କୁ ଟିକିଏ କହିଦେଉଥିବା ଆଲୋଚକ ବି କହିଲେଣି । ପୁଣି ଗୋଟିଏ ବହିକୁ ତ୍ରୁଟିପୂର୍ଣ୍ଣ ବାଜେବହି ବୋଲି ପ୍ରମାଣିତ କରିଥିବା ସମାଲୋଚକଙ୍କ ମତକୁ ଖଣ୍ଡିତ ନକରି ଆଦୌ ସମାଲୋଚନାର ପ୍ରଥମ ବର୍ଣ୍ଣ ନଜାଣିଥିବା ଲେଖକ ତାହାକୁ ଖଣ୍ଡିଏ ଶ୍ରେଷ୍ଠ ପୁସ୍ତକ ବୋଲି କହି ଖବରକାଗଜ ସାହିତ୍ୟ ପୃଷ୍ଠାରେ ଲେଖିଲେଣି ନିଜର ମନ୍ତବ୍ୟ । ଓଡିଆ ସମାଲୋଚନା ସାହିତ୍ୟର ଏହିପରି କିଛି ରୁଗ୍ଣ ରୂପ ବଡ ମାରାତ୍ମକ । କେବଳ ସାହିତ୍ୟକୁ ଏହା ନିମ୍ନଗାମୀ କରୁନାହିଁ ବରଂ ଜାତିର ପ୍ରାଣରେ ଅସୁସ୍ଥ ପରମ୍ପରାର ଭାଇରସ୍ ଛାଡୁଛି ।

ସାହିତ୍ୟ ସମାଲୋଚନା ପାଇଁ ସୁସ୍ଥ ପଥ ରହିଛି ଏବଂ ରହିଛି ମଧ୍ୟ ପରମ୍ପରାର ଗୁଳା । ସେ ଗୁଳାରେ ସାହିତ୍ୟ ସମାଲୋଚନା ଲେଖୁଥିବା ଆମ ଲେଖକ ଯିବେନାହିଁ ? ମନ ଇଚ୍ଛା ଯାହା ଲେଖିବେ ତାହା ହେବ ଶାସ୍ତ୍ରୀୟ ଆଲୋଚନା ?"

■ ନକୁଳ ଚନ୍ଦ୍ର ସାହୁ
ଶବ୍ଦଘର, ଗୋଡିସାହି, କଟକ
(ମୋ) ୯୪୩୭୭୪୦୨୬୪

ଆଲୋଚନା

ଉଜ୍ଜ୍ୱଳମୟ ନୂଆଁ ସକାଳ

ବୈଷ୍ଣବ ମେହେର

ଜୀବନର ପ୍ରତ୍ୟେକଟି ସକାଳ ନୂତନ ସମ୍ଭାବନା ନେଇ ଆସିଥାଏ । ସକାଳର ପାହାଚ ଉପରେ ପାଦ ଥାପି ତ ତମାମ ଦିବସର ଉଠାଣି ଗଡ଼ାଣିକୁ ପାର ହେବାକୁ ପଡ଼େ । ଯଦି ଏହି ସକାଳଟି ନୂଆଁବର୍ଷର ପ୍ରଥମ ସକାଳ ହୋଇଥିବ ତେବେ ତ ଏଭଳି ସକାଳକୁ ନେଇ ଆଶା ଓ ସ୍ୱପ୍ନର ପାହାଡ଼ଟିଏ ତୋଳି ଧରିବାକୁ ହୁଏ । ଜୀବନକୁ ବୁଝିବାର ନୂତନ ଅବସର ହିଁ ତ ଆଣେ ନୂଆଁ ସକାଳ । ଗତକାଲି ୨୦୨୩ ର ବିଦାୟ ପରେ ଆଜି ନୂତନ ସମ୍ଭାବନା ନେଇ ନୂଆଁବର୍ଷ ୨୦୨୪ ଧରାପୃଷ୍ଠକୁ ପଦାର୍ପଣ କରିଛି । ନୂଆଁବର୍ଷ ମଉଜମସ୍ତିର ଅବସର ନୁହେଁ । ବରଂ ଆଗାମୀ ଜୀବନକୁ ସରସ, ସୁନ୍ଦର କରିବା ପାଇଁ ପୁଣି ଏକ ଜାଗରଣର ଅୟମାରମ୍ଭ ଘଟେ । ଭାରତୀୟ ସଂସ୍କୃତିକୁ ଅଣଦେଖା କରି ପାଶ୍ଚାତ୍ୟ ପରମ୍ପରା ଅନୁକରଣରେ ମଦମାଂସ ଓ ଅଶ୍ଳିଳ ସଙ୍ଗୀତରେ ନୂଆଁବର୍ଷ ପାଳିବା ଆଦୌ ଶୋଭନୀୟ ନୁହେଁ । ଯଦିଓ ନୂଆଁବର୍ଷର ଅନେକ ଇଂରାଜୀ ମାସର ଜନକ ରୋମ ସଭ୍ୟତାରେ ଜନ୍ମଲାଭ କରିଥିଲେ ହେଁ, ରୋମ ଦେଶରେ ବିଳାସବ୍ୟସନରେ ନୂଆଁବର୍ଷ ପାଳିବାକୁ ଅପରାଧ ବୋଲି ମଣାଯାଏ । ଥାଇଲାଣ୍ଡ ଭଳି ଦେଶକୁ ଦେଖନ୍ତୁ, ସେଠାରେ ଗରୀବଗୁରୁବାଙ୍କୁ ଭୋଜନ ଖୁଆଇ ଓ ନୂଆଲୁଗା ବଣ୍ଟନ କରି ନୂଆଁବର୍ଷ ଏବେ ବି ପାଳିତ ହେଉଛି । ଅନ୍ୟ କେଉଁଠାର କଥା ଛାଡ଼ନ୍ତୁ ଆମ ପଡ଼ୋଶି ପାକିସ୍ଥାନରେ ନୂଆଁବର୍ଷ ଦିନ ମସଜିଦ୍ ଯାଇ ଅନେକେ ନମାଜ ଧ୍ୱନିରେ ସମସ୍ତଙ୍କୁ ପୁଲକିତ କରନ୍ତି । ଅପରପକ୍ଷେ ଆମ ଦେଶରେ କାହିଁ କେଉଁକାଳରୁ ଭାବପୂର୍ଣ୍ଣ ସଂସ୍କୃତିଟେ ଥାଇ ସୁଦ୍ଧା ନୂଆଁବର୍ଷ ପାଳନରେ ଆମ ଜନଜୀବନ କେଜାଣି କାହିଁକି ଦିଗହରା ହେଉଛି, ତାହା ହିଁ ବିଡ଼ମ୍ବନାର ବିଷୟ । ବର୍ତ୍ତମାନରେ ବଂଚୁଛୁ ବୋଲି ଯଦି ଆମେ ବର୍ତ୍ତମାନ ସର୍ବସ୍ୱ ହୋଇଯିବା ତେବେ ଆମର ଭବିଷ୍ୟତ ଆଶଙ୍କାଗ୍ରସ୍ତ ହୋଇଯିବା ସ୍ୱାଭାବିକ । କିନ୍ତୁ ଭବିଷ୍ୟତ ତା'ଠାରୁ ଅଧିକ ଅନ୍ଧାରମୟ ହୋଇଯାଏ, ଯେବେ ଆମେ ଆମର ଅତିତକୁ ଭୁଲିଯାଉ । କାରଣ ଅତିତ ହିଁ ଜ୍ଞାନର ଭଣ୍ଡାର । ଯେଉଁଠୁ ଆମେ ଅନେକ କିଛି ଶିକ୍ଷା ଲାଭ କରି ଆଗାମୀ ଜୀବନକୁ ପରିମାର୍ଜିତ କରିବାର ଅନନ୍ୟ ଉପାଦାନକୁ ସାଉଁଟି ପାରୁ । ତେଣୁ ସାମନାରେ ଯେତେ ବଡ଼ ଉଜ୍ଜ୍ୱଳ ସକାଳଟିଏ ଥାଉନା କାହିଁକି ପୁରୁଣା ଦିନର ସ୍ମୃତିକୁ ଆଧାର ନ କଲା ଯାଏଁ ନୂଆଁ ସକାଳରେ ବି ଅକାଳ ଅନ୍ଧାର ଘୋଟି ଯାଇପାରେ । ଯଦିଓ ଚଂଦ୍ରଯାନ ଓ ସୂର୍ଯ୍ୟ ଅଭିଯାନର ସଫଳତା, ସିଲ୍କୟାରା ସୁଡ଼ଙ୍ଗରୁ ଶ୍ରମିକଙ୍କ ଉଦ୍ଧାର, ୧୫ଫୁଟର ଗାତରେ ପ୍ରାୟ ୧୫ଘଣ୍ଟା ଓଲଟା ପଡ଼ିରହି ନବଜାତକ ଜୀବନ୍ତ ଉଦ୍ଧାର ପାଇବା ଭଳି ଅନେକ ଘଟଣା ଜୀବନକୁ ଉତ୍ସାହିତ କରିଛି ତଥାପି ବିଗତ ବାରଟି ମାସ ମଧ୍ୟରେ ଏଭଳି ଅନେକ ଅଘଟଣ ସଂଘଟିତ ହୋଇଛି ଯାହା କେବଳ ମର୍ମାହତ କରୁନାହିଁ ବରଂ ଦୁଇ ପାଦ ପଛକୁ ଟାଣି ନେଉଛି । ସେ ମଧ୍ୟରୁ ଥମୁ ନଥିବା ମଣିପୁର ନିଆଁ, ରଷ୍ ୟୁକ୍ରେନ୍ ଯୁଦ୍ଧ, ଭୂକମ୍ପ ଯୋଗୁଁ ଗତ ବାର ମାସରେ ବିଶ୍ୱରେ ୭୦ ହଜାର ଲୋକଙ୍କ ଜୀବନ ଯିବା, ଦୃତ ଦୁର୍ଘଟଣା, ପରିବେଶ ପ୍ରଦୁଷଣ, ତାପମାତ୍ରାରେ ଅବିଶ୍ୱସନୀୟ ଅଭିବୃଦ୍ଧି, ଅନିୟମିତ ବର୍ଷା, ବନ୍ୟା, ମରୁଡ଼ି, ପ୍ରଚଣ୍ଡ ଖରା, ଆତଙ୍କବାଦ, ବେରୋଜଗାରୀ, ବେଲଗାମ ଦର, ଚୋରୀ, ହତ୍ୟା, ଆତ୍ମହତ୍ୟା, ନିର୍ଯାତନା, ଭେଜାଲ ସାମଗ୍ରୀର ପ୍ରାଦୁର୍ଭାବ ଭଳି ଅନେକ ସମସ୍ୟା ସହ କେନସର୍, କିଡ଼ନି, ହାର୍ଟ ଭଳି ଗୁରୁତ୍ୱର ରୋଗରେ ମଣିଷ ସମାଜ ଭିତତ୍ରସ୍ତ ହୋଇଛି । ଏଭଳି ସ୍ଥଳେ ବର୍ଷ ଶେଷ ଆଡ଼କୁ କରୋନାର ନୂଆ ପ୍ରଜାତି କେଏନ.୧ ର ଅପ୍ରତ୍ୟାଶିତ ଆବିର୍ଭାବକୁ ଭୁଲି ଯିବା ଆମ ପାଇଁ କେତେ ଭୟାବହ ହେବ ତା'ର ବିଧିବଦ୍ଧ ବିଚାର ନୁଆଁ ବର୍ଷର ପବିତ୍ର ପ୍ରଥମ ସକାଳରେ ହେଲେ ଯାଇ ଆମ ପାଇଁ ଆଗାମୀ ଜୀବନ ଶୁଭଙ୍କର ସାବ୍ୟସ୍ତ ହେବ ।

ବର୍ଷ ପରେ ବର୍ଷ ଯେତିକି ବିତି ଯାଉଛି, ମଣିଷ ଭିତରେ ଥିବା ଆବେଗ, ସ୍ନେହ, ଶ୍ରଦ୍ଧା, ସମାନୁଭୁତିର ଅଭାବ ସେତିକି ଅଧିକ ପରିଲିକ୍ଷିତ ହେଉଛି । ପ୍ରତିଟି ମଣିଷ ଯଦି ପରସ୍ପରକୁ ନିଃସର୍ତ୍ତ ଭଲପାଇବେ, ଅପରକୁ ସମ୍ମାନ ଦେବେ, ଅନ୍ୟର ଭାବନାକୁ ଯଥା ସମ୍ଭବ ଶ୍ରଦ୍ଧା କରିବେ ତା'ହେଲେ ଯାଇ ସାରା ବିଶ୍ୱ ସ୍ୱର୍ଗ ପାଲଟିଯିବ । ବିଶ୍ୱର ଯେକୌଣସି ସ୍ଥାନରେ ଘଟି ଯାଉଥିବା ଅଘଟଣ, ଦୁଃଖ,ଦୁର୍ଭାଗ୍ୟ ପାଇଁ ସ୍ୱାଭାବିକ ଭାବରେ ଯଦି ଆମ ଆଖିରୁ ଲୁହ ଟୋପେ ଝରି ପାରିବ ତେବେ ତାହା ହିଁ ଆମ ଜୀବନକୁ କରିବ ଖୁବ ଅର୍ଥପୂର୍ଣ୍ଣ । ଗୋଟିଏ ବର୍ଷର ଅବଧି ମଧ୍ୟରେ ପ୍ରତ୍ୟେକ ମଣିଷ ଉଭୟ ସକରାତ୍ମକ ଏବଂ ନକରାତ୍ମକ ଫଳାଫଳର ଅନୁଭବ ରଖେ । ତେଣୁ ପୁରୁଣା ବର୍ଷର ଶେଷ ଓ ନୂଆଁବର୍ଷର ଅବ୍ୟବହିତ ସମୟ ହିଁ ଏକ ମହାର୍ଘ୍ୟ ସୁଯୋଗ ଯେଉଁଠୁ ଜୀବନର ସଫଳତା ବିଫଳତାକୁ ସମୁଚିତ ସମୀକ୍ଷା କରାଯାଇ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇ ପାରିବ । ତଥାପି ଆଶା ଅଛି ବୋଲି ତ ମଣିଷ ବଂଚିଛି । ସକଳ ନିରାଶା ଭିତରେ ନୂତନ ବର୍ଷ ମାନବ ସମାଜ ପାଇଁ ନେଇ ଆସିଛି ନୂତନ ସମ୍ଭାବନା ଆଉ ନବ ସ୍ୱପ୍ନର ସମ୍ଭାର । ଏବେ ଏହି ବିଶ୍ୱାସକୁ ଆମକୁ ଆହୁରି ଅଧିକ ବଳବତ୍ତର କରିବାକୁ ପଡ଼ିବ । ଯେମିତି ନୂଆଁବର୍ଷର ଆରମ୍ଭରୁ ଶେଷ ଯାଏଁ ମଣିଷଙ୍କ ମନରୁ ଦୁଃଖ, ଶୋକ, ଭୟ, ଅସ୍ଥିରତା, ଅଶାନ୍ତି ଦୂରେଇ ଯାଇ ସୁଖ, ଶାନ୍ତି, ସନ୍ତୋଷ, ସମୃଦ୍ଧିରେ ତା'ର ଚାରିପଟ ସଦା ଋଦ୍ଧିମନ୍ତ ହେଉଥିବ ।

❤ ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

ଲେଖକ ଏକ ବିଶ୍ୱମାନସର ରୂପକାର : ପ୍ରଦୀପ ନାୟକ

ପ୍ରଦୀପ ନାୟକ, ଓଡିଆ କଥା ସାହିତ୍ୟ ଜଗତରେ ଗୋଟେ ସ୍ପଷ୍ଟ ପାଦଚିହ୍ନ । ବିଷୟ ଚୟନରେ ବାସ୍ତବତାର ଅନୁଭବ ତାଙ୍କ ସୃଜନରେ ବେଶ୍ ସ୍ପଷ୍ଟ । କଥା ଗଢଣରେ ତାଙ୍କର ଅନ୍ତରଙ୍ଗତା ତାଙ୍କୁ ଦେଇଥାଏ ନିଆରା ପରିଚୟ । ମଣିଷର କ୍ଲେଶ, ଯାତନା, ସଂଘାତ, ଜିଜିବୀଷାକୁ ସେ ଆଙ୍କିପାରନ୍ତି ବେଶ୍ ନିଖୁଣ ଭାବରେ । ମଣିଷକୁ ମାନବୀୟ ମର୍ଯ୍ୟାଦାର ଦର୍ଜା ମିଳିବା, ଈର୍ଷା, ଦ୍ୱେଷହୀନ ସହଭାଗିତାର ସ୍ୱପ୍ନରେ ଆଶାତୁର ତାଙ୍କ ସ୍ରଷ୍ଟା ମାନସ । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୌରିନ୍ଦ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ କାଗଜ କଲମରେ ଲେଖିବା ଆଗରୁ ମନ ସିଲଟରେ କୈଶୋରରୁ ସର୍ଜନାର ଆଦ୍ୟ ବର୍ଣ୍ଣମାଳା ଲେଖା ହେଉଥିଲା । କାରଣ କହିପାରିବିନି, ସେଇ ସମୟରୁ ମୁଁ ମୋ ନିଜକୁ ସାଙ୍ଗସାଥୀଙ୍କ ଠାରୁ ନିଜକୁ କିଛି ଅଲଗା ଭାବୁଥିଲି । କାରଣ ପ୍ରତି ସୂର୍ଯ୍ୟୋଦୟ, ଗୋଧୂଳିସଞ୍ଜ, ଏମିତିକି ପ୍ରକୃତିର ପ୍ରତିଟି ବିଭବର ସୌନ୍ଦର୍ଯ୍ୟ ପାଖରେ ଅଟକି ଯାଉଥାଏ, ବିଭୋର ହେଉଥାଏ । ଅପରିପକ୍ୱ ମନ ଭିତରକୁ କ'ଣ କ'ଣ ସବୁ ଆସେ, ସେସବୁକୁ ନେଇ ଭାବିଯାଏ । ସେଇ ଭାବନାକୁ ନେଇ ଲେଖିବି ଏମିତି କିଛି ଭାବିପାରିନଥିଲି । କିନ୍ତୁ ସେଇ ସବୁ ଅନୁଭବକୁ ମୋର ଆଦ୍ୟ ସ୍ଫୁରଣ ବୋଲି କହିବି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ'ର ପ୍ରଣମ୍ୟ ପ୍ରାଥମିକ ବିଦ୍ୟାଳୟର ଗୁରୁ ବୈଷ୍ଣବ ଚରଣ ଜେନା । ଯିଏ ମୋତେ ସାହିତ୍ୟ ପଢାଉଥିଲେ । "ତୁହି ମା' ଧରଣୀ ଜନନୀ ମୋହର, ଧରିଛୁ ମା' ମୋତେ କୋଳେ/ ଲୋଟୁଅଛି ସିନ୍ଧୁ ଚରଣେ ତୋହର ଆହା କି ଉଲ୍ଲାସ ଭୋଳେ ।" ଅତି ହୃଦୟଗ୍ରାହୀ ଥିଲା ତାଙ୍କ ସାହିତ୍ୟ ପଢାଇବା ଶୈଳୀ । ମୋ ପିଲା ମନରେ ଖୁବ୍ ପ୍ରଭାବ ପକାଇଥିଲା, ତାକୁହିଁ ମୋର ସାରସ୍ୱତ ପ୍ରେରଣା ବୋଲି ଭାବେ ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସାହିତ୍ୟ ଯାହା ପାଇଁ ଲେଖାଯାଏ ଲେଖକମାନେ ତା' ଉପରେ (ମଣିଷ ଓ ସମାଜ) ଗୁରୁତ୍ୱ ଦେବା ଉଚିତ୍ ବୋଲି ମୁଁ ଭାବେ । ଆମେ ଯଦି ସମାଜ ଓ ମଣିଷ ପାଇଁ ଲେଖୁଛନ୍ତି ଏବଂ ସେ ଲେଖାକୁ ପାଠକ ପଢୁଛନ୍ତି, ନିଜକୁ ଲେଖାର ଭାବ ସହ ସଂଯୁକ୍ତ କରିପାରୁଛନ୍ତି ତା'ହେଲେ ସମାଜରେ ପରିବର୍ତ୍ତନ କାହିଁକି ନଆସିବ ? ସାହିତ୍ୟ ଦ୍ୱାରା ପ୍ରଭାବିତ, ପରିବର୍ତ୍ତିତ ହେବାର ନଜିର୍ କ'ଣ ଆମ ପାଖରେ ନାହିଁକି !

■ ଆଜି ଲେଖକଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ବହୁ ଅଧିକ ହୋଇଥିବା ବେଳେ କାଳଜୟୀ ଲେଖାଟିଏ ଆଖିରେ ପଡୁନାହିଁ । ଏମିତି କାହିଁକି ?

■■ ଲେଖକ ବା ସ୍ରଷ୍ଟାଙ୍କ ସଂଖ୍ୟା ବୃଦ୍ଧି ଘଟିଛି ନିଶ୍ଚୟ । ଉଚ୍ଚମାନର ଲେଖା ମଧ୍ୟ ସୃଷ୍ଟି ହେଉଛି କିନ୍ତୁ ଏତେ ବହୁତ ଲେଖା ଭିତରେ ସେଇ ଅତ୍ୟଳ୍ପ ସଂଖ୍ୟା ହଜିଯାଉଥିବା ପରି ମନେହେଉଛି । ମୋ ମତରେ କାଳଜୟୀ ଲେଖା ତା'ର ବର୍ତ୍ତମାନରେ ଚିହ୍ନା ପଡିନଥାଏ । କାଳରୁ ଆଗକୁ ଅପେକ୍ଷା କରିବାକୁ ହୋଇଥାଏ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ପ୍ରାକ୍ କାଳରୁ ଆମ ମାତୃଭାଷା ଯେଉଁ ସଙ୍କଟରୁ ଉଠି ନିଜର ଶକ୍ତି, ଦ୍ୟୁତି ବଳରେ ଆଜି ଏହି ପର୍ଯ୍ୟାୟରେ ପହଞ୍ଚିଛି, ସେ ସମୟର ପ୍ରତିବନ୍ଧକ ଆଜି ହୁଏତ ଭାଷା ସାମନାରେ ନାହିଁ । କିନ୍ତୁ ଏବେ ସମସ୍ୟା ଓ ସଙ୍କଟର ରଙ୍ଗ, ରୂପ ବଦଳି ଯାଇଛି । ଏକବିଂଶ ଶତାବ୍ଦୀରେ ବୈଶ୍ୱିକ ଭାଷାସମସ୍ୟା ଆଗରେ ହୁଏତ ଆମେ ଆମ ମାତୃଭାଷାକୁ ସମର୍ଥ କରିବାରେ କିଛି ଅବହେଳା, ଆନ୍ତରିକହୀନତା ଦେଖାଇଅଛୁ, ଦେଖାଉଅଛୁ । ମାତୃଭାଷାର ମହତ୍ୱ, ଗରିମା ବିଷୟରେ ଏବଂ ଏହାର ପରିଚୟ,ଅସ୍ତିତ୍ୱ ଏବଂ ଅସ୍ମିତା ବିଷୟରେ ଗୁରୁତ୍ୱର ସହ ଭାବିବାର ସମୟ ଆସିଛି ।

■ ଲେଖକଟିଏ ଚାହିଁଲେ ତା' ଲେଖାରେ କାହାର ମାନସିକତା ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ?

■■ କାହାର ମାନସିକତାକୁ ବଦଳାଇବାକୁ ଲେଖକ ଲେଖେ ବୋଲି ମୁଁ ଭାବୁ ନାହିଁ । ଲେଖକ ଏକ ବିଶ୍ୱମାନସର ରୂପକାର । ବ୍ୟକ୍ତିଗତ ମାନସିକତା ପରିବର୍ତ୍ତନ ତା'ର ଲକ୍ଷ୍ୟ ନୁହେଁ ।

■ ଅଳ୍ପରେ ପ୍ରଦୀପ

ଜନ୍ମ ତାରିଖ : ୧୯୬୪ ମସିହା
ବୃତ୍ତି : ଶିକ୍ଷକତା
ରୁଚି : ସାହିତ୍ୟ, ପରିବେଶ, ସଙ୍ଗୀତ

ବିଶେଷ ପରିଚୟ -
ଗଳ୍ପ, ଉପନ୍ୟାସ ରଚନା
ବର୍ତ୍ତମାନର ଠିକଣା :
ବନ୍ଧପୁର, ମଦନପୁର, କେନ୍ଦ୍ରାପଡା
(ମୋ) ୮୯୧୭୩ ୭୦୨୨୭

ପ୍ରକାଶିତ ପୁସ୍ତକ

ଗଳ୍ପ
(୧) ମୌନ ଭଗ୍ନାଂଶ
(୨) ମାଟିଘୋଡା
(୩) ମଣିଷନାମା
(୪) ମଲାଙ୍ଗ
(୫) ମହାଭାରତୀୟ
(୬) ମା' କହିଟି
(୭) ମାତରମ୍ ବନ୍ଦେ
(୮) ମାନନୀୟ ଓଡ଼ିଶା

ଉପନ୍ୟାସ -
(୧) ମାୟା
(୨) ଭୂମି
ପରିବେଶ ପୁସ୍ତକ -
(୧) ମନୋରମ ଭିତରକନିକା
(୨) ମୁକ୍ତ ବିହଙ୍ଗ ଭିତରକନିକା
ସଙ୍ଗୀତ -
ନିଜ କଣ୍ଠରେ MP3
'ବୋଲ୍ ଜଗନ୍ନାଥ ନାମ'
ଭିତରକନିକା ଉପରେ ବୃତ୍ତଚିତ୍ର


ପତ୍ନୀଙ୍କ ସହ କଥାକାର ପ୍ରଦୀପ ନାୟକ

■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ମୁଁ ଆଶାବାଦୀ ହେବିନାହିଁ କାହିଁକି ? ଆମେ ଓଡ଼ିଆ ଭାଷାଭାଷୀ ମଣିଷ ଥିବା, ଆମ ଓଡ଼ିଶା ଥିବ ଅଥଚ ଓଡ଼ିଆ ସାହିତ୍ୟ ନଥିବ ଏମିତି କେବେ ଘଟିବ ନାହିଁ । ଆମକୁ ଆମ ଭାଷାକୁ ସାଥୀରେ ନେଇ ସମୟର ପରିବର୍ତ୍ତିତ ବ୍ୟବହାର ସହ ଆଗକୁ ବଢିବାକୁ ପଡିବ । ସାଧାରଣ ମଣିଷର କଥା ବ୍ୟଥାକୁ, ପ୍ରୀତି ଅପ୍ରୀତିକୁ ତା' ଭାଷାରେ ଲେଖିଲେ ଅବଶ୍ୟ ସାଧାରଣ ମଣିଷ ପାଖରେ ସାହିତ୍ୟ ପହଞ୍ଚି ପାରିବ, ପହଞ୍ଚିବାର ମାଧ୍ୟମ ଯାହା ବି ହେଉନା କାହିଁକି ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ କହିବେ ?

■■ ନିଜ କର୍ମରେ ସ୍ରଷ୍ଟାକୁ ପ୍ରଶଂସା ମିଳୁ ଏହା ସାହିତ୍ୟ କାହିଁକି ପ୍ରତ୍ୟେକ ବିଭାଗର କର୍ମକାରର ଏହି ଆଶା ରହିଥାଏ । ଦରଜୀଟିଏ କେବଳ ପାରିଶ୍ରମିକ ପାଇଁ ଭଲ ସିଲେଇ କରେ କି ? ସେ କ'ଣ ତା' ଦକ୍ଷତାର ପ୍ରଶଂସା ବା ପୁରସ୍କାର ଗ୍ରାହକ ପାଖରୁ ଆଶା କରୁନଥାଏ କି ? ପ୍ରତ୍ୟେକ କର୍ମର ପୁରସ୍କାର ରହିବା ଉଚିତ୍ । ନହେଲେ କୌଣସି ଭଲର ସୃଷ୍ଟି ହୋଇପାରିବ ନାହିଁ । ତେଣୁ ସାହିତ୍ୟର ସ୍ରଷ୍ଟା ଏ ଗୁରୁତ୍ୱ ଠୁ କିପରି ନିଜକୁ ଅଲଗା କରିବ ? ତା'ପରେ ସାହିତ୍ୟର ବାର୍ତ୍ତା ପ୍ରସଙ୍ଗରେ ମୋର ଧାରଣା ଯେ ସାହିତ୍ୟ ସବୁବେଳେ ଏକ ମହାମାନବୀୟ ଚେତନାର ବାର୍ତ୍ତା ଦେଇଆସିଛି, ଦେଇ ଚାଲିଛି ମଧ୍ୟ, ତାହା ଯେପରି ସମସ୍ତେ ଅନୁଭବ କରନ୍ତୁ । କେବଳ ଶରୀର ଓ ମନର ଗୁଜୁରାଣର କୋଳାହଳରେ ମଣିଷ କି ସମାଜ ବ୍ୟସ୍ତ ନରହୁ, ଜୀବନର ଶାଶ୍ୱତ, ଚିରନ୍ତନ ସାମସଙ୍ଗୀତ ଆଡେ କାନଡେରୁ , ଉତ୍ କର୍ଣ୍ଣ ରହୁ । ❤

ପଢିବା ପରେ

ଆନନ୍ଦଙ୍କ 'ଦାମ୍ପତ୍ୟ' : କେତେ କଥା ଓ କେତେ ବ୍ୟଥାର ଏକ ଜୀବନ୍ତ ଅଗ୍ରଲେଖ

ବୃନ୍ଦାବନ ଦାସ

ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରୁ ଯେଉଁ କେତେଜଣ ଯୁବ ସାରସ୍ୱତ ସ୍ରଷ୍ଟା ନିରନ୍ତର ଲେଖନୀ ଚଳେଇ ଓଡିଆ ସାହିତ୍ୟ ପାଇଁ ଏକ ସମ୍ଭାବନାପୂର୍ଣ୍ଣ ସ୍ୱର ଓ ସ୍ୱାକ୍ଷର ଭାବେ ନିଜକୁ ପ୍ରତିଷ୍ଠିତ କରିବାର ପ୍ରତିଶ୍ରୁତି ଦିଅନ୍ତି, ଆନନ୍ଦ କୁମାର ମାଇତି ସେମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତି। ବୟସରେ କୋମଳତାକୁ ଟପି ଯାଇନି ସତ କିନ୍ତୁ ଦୁଇ ଦସନ୍ଧିରୁ ଅଧିକ ସମୟ ସାହିତ୍ୟରେ ମଜ୍ଜି ରହି ଆସିଛନ୍ତି। ସେଇ ଦୃଷ୍ଟିରୁ ଦେଖିବାକୁ ଗଲେ ତାର ସୃଜନ ସ୍ୱାକ୍ଷର ମାନଙ୍କରୁ ପ୍ରାୟ ଶାଣିତ ଶାଣିତ ବାସ୍ନା ଭୁରୁ ଭୁରୁ ହୋଇ ମହକି ଉଠେ। ସେ ଏକାଧାରରେ ଜଣେ କବି, ଗଳ୍ପକାର ଏବଂ ପତ୍ରିକା ସମ୍ପାଦକ ମଧ୍ୟ। ଆଧୁନିକ ଜୀବନ ଯନ୍ତ୍ରଣା ଏବଂ ପ୍ରଚଳିତ ବ୍ୟବସ୍ଥାର ଅବିଗୁଣକୁ ନେଇ ତାଙ୍କ କବିତାରେ ସମ୍ବେଦନଶୀଳତା ସୁସ୍ପଷ୍ଟ ହେଲେ ହେଁ, ଗଳ୍ପରେ ବ୍ୟକ୍ତି ଜୀବନର ଅସହାୟତାବୋଧ, ଉଦ୍‌ବେଗ, ମନସ୍ତାତ୍ତ୍ୱିକ ଉଦ୍‌ବେଳନ, ପ୍ରେମ, ପ୍ରତାରଣା, ଯୌନ ଆବେଗ ଏବଂ ସମ୍ପ୍ରତି ପରିବର୍ତ୍ତିତ ସମୟର ବିଭିନ୍ନ ସାମାଜିକ ସମସ୍ୟା ନିଖୁଣ ଭାବେ ବର୍ଣ୍ଣିତ ହେବାର ଦେଖିବାକୁ ମିଳେ। କବିତା ଠାରୁ ଗଳ୍ପରେ ସେ ଅଧିକ ସହଜ ମନେ ହୁଅନ୍ତି ଏବଂ ତାଙ୍କ ଚାରିପଟରେ ଆତଯାତ ଚରିତ୍ର ଓ ଘଟଣା ପ୍ରବାହ ମଧ୍ୟରେ ତଲ୍ଲୀନ ହୋଇ ନିଜେ ସେସବୁ ଚରିତ୍ରର ସ୍ୱର ହୋଇ ହର୍ଷ, ବିଷାଦ ଓ ମନର ସଂଗୁପ୍ତ କଥାକୁ ଅତି ସରଳ ଭାବରେ ପାଠକ ଆଗରେ ରଖିଦିଅନ୍ତି।

ଆନନ୍ଦଙ୍କ ଗଳ୍ପରେ ବର୍ଣ୍ଣିତ ଚରିତ୍ରଗୁଡିକ ସବୁଠି ଥାଆନ୍ତି, ସେଇ ଚରିତ୍ରଗୁଡିକ ଭୋଗୁଥିବା ସମୟ ଓ ଘଟଣା ଭିତରେ କେଉଁଠି ନା କେଉଁଠି ପାଠକଟିଏ ନିଜକୁ ଖୋଜିପାଇବା ହେଉଛି ତାଙ୍କ ଗଳ୍ପର ବୈଶିଷ୍ଟ୍ୟ।

ଓଡିଶାର ବିଭିନ୍ନ ପ୍ରତିଷ୍ଠିତ ପତ୍ରପତ୍ରିକାରେ ଯଥା-ଝଙ୍କାର,ସମାଜ ସାପ୍ତାହିକ,ପୌରୁଷ , ସାଗରିକା, ରେବତୀ, ଶୋଭନା, କଥାକଳିକା ଆଦିରେ ପ୍ରକାଶିତ ଗଳ୍ପଗୁଡିକୁ ନେଇ ତାଙ୍କର ଦ୍ୱିତିୟ ଗଳ୍ପ ସଂକଳନ ହେଉଛି ଦାମ୍ପତ୍ୟ। ଏଥିରେ ସର୍ବମୋଟ୍ ୧୦ଟି ଗଳ୍ପ ସ୍ଥାନିତ। ଗଳ୍ପଗୁଡିକ ବେଶ୍ ଶାଣିତ ଅନୁଭବର , ସେଗୁଡିକର ଆରମ୍ଭ ଯେମିତି ଆକସ୍ମିକତାରୁ ଶେଷ ବି ସେମିତି କେଉଁଠି ଅନେକ ଉତ୍କଣ୍ଠାର ସୁଖପ୍ରଦ ପରିଣତି ତ' ପୁଣି କେଉଁଠି ଅନେକ ପ୍ରଶ୍ନବାଚୀର କରୁଣ ଜିଜ୍ଞାସା। ତାଙ୍କର ଅଧିକାଂଶ ଗଳ୍ପ ପାରିବାରିକ ଜୀବନକୁ ନେଇ। ସମାଜର ମୂଳଭିତ୍ତି ହେଉଛି ପରିବାର। ପାରିବାରିକ ସମ୍ପର୍କ ଆସ୍ଥା ଓ ବିଶ୍ୱାସ ଉପରେ ପ୍ରତିଷ୍ଠିତ। ଯେଉଁଠି ସମ୍ପର୍କ ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ସମର୍ପଣ, ତ୍ୟାଗ ଏବଂ ପ୍ରେମରେ ବନ୍ଧା ସେଠିହିଁ ସ୍ୱର୍ଗ ଥାଏ। ଟିକିଏ ଅବିଶ୍ୱାସ ସମ୍ପର୍କକୁ ନର୍କର ନିକଟତର କରାଏ।

ଗାଳ୍ପିକଙ୍କ 'ଭିତିରିକଥା' ଗଳ୍ପରେ ନାୟକ ନାୟିକାଙ୍କ ମଧ୍ୟରେ ଅବିଶ୍ୱାସ କିପରି ଝଡ଼ହୋଇ ଛିଡ଼ା ହୋଇଛି ତା'ର ବର୍ଣ୍ଣନା ସୁନ୍ଦର ଭାବେ ହୋଇଛି। ଦୁଇଟି ମନକୁ ବାନ୍ଧିବା ପାଇଁ ଶରୀର ହିଁ ସେତୁ ହୋଇପାରେ ଏବଂ ଶାରୀରିକ ମିଳନହିଁ ଦୁଇ ହୃଦୟକୁ ଏକ କରିପାରେ, ତା'ର ନିଛକତା ହିଁ ଏହି ଗଳ୍ପର କଥାବସ୍ତୁ। ପେଟର ଭୋକ ଠାରୁ ଦେହର ଭୋକ ଯେ ଅଧିକ, ଯୌନାକାଂକ୍ଷା ଜନିତ ନିଆଁ ଯେ କେତେ ଡହ ଡହ ତାକୁ ଗଳ୍ପ ନାୟିକା ମୁହଁରେ ଚମତ୍କାର ଢଙ୍ଗରେ ପରିସ୍ଫୁଟନ କରିଛନ୍ତି। ନିଆଁ ଆଉ ଘିଅ ପରି ପୁରୁଷ ଓ ନାରୀ ମଧ୍ୟରେ ସମ୍ପର୍କ। ଦେହଦାହରେ ଯେ ପ୍ରେମର ସ୍ୱର୍ଗୀୟ ପ୍ରାପ୍ତି ଭିତିରି କଥା ଗଳ୍ପରେ ପରିଷ୍କାର ବର୍ଣ୍ଣିତ।

ଗଳ୍ପ ସଂକଳନରେ ଅଧିକାଂଶ ଗଳ୍ପ ପ୍ରେମ-ପ୍ରଣୟ, ପ୍ରତାରଣା-ସନ୍ଦେହ, ବିରହ ଓ ବିଚ୍ଛେଦକୁ ନେଇ ଗତିଶୀଳ। ଜଣେ ନିରାଶ୍ରୟି ନାରୀର ଆସ୍ଥା ଓ ଅସ୍ତିତ୍ୱ ପାଇଁ ଆକୁଳତା ଗଳ୍ପ 'ଅବଲମ୍ବନ'ରେ ଏକ ବିଶ୍ୱସ୍ତ ଅବଲମ୍ବନ ଭାବେ ଅବତାରଣା କରାଯାଇଛି। ଦୁର୍ଘଟଣାରେ ସ୍ୱାମୀ ହରେଇଥିବା ସୁନ୍ଦରୀ ଗଙ୍ଗା କିପରି ବୈଧବ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇଁ ଆଉ ଏକ ପୁରୁଷକୁ ନିର୍ବିକାର ଭାବେ ଗ୍ରହଣ କରିବାକୁ ଦୃଢମନସ୍କା, ଏହି ଗପରେ ବର୍ଣ୍ଣିତ। ଜୀବନସାରା ଏକାକିନୀ ହୋଇ ରହିବା ଅପେକ୍ଷା ଆଗକୁ ପଡ଼ିଥିବା ଲମ୍ବାରାସ୍ତାରେ ଚାଲିବାକୁ ଯେ ସାଥୀଟିଏ ଲୋଡ଼ା, ଯାହାକୁ ଅବଲମ୍ବନ କରି ନାରୀଟିଏ ଜୀବନ ସଂଘର୍ଷରେ ଜିତିପାରିବ ଏହି ଗପରେ ସ୍ପଷ୍ଟ ହୋଇଛି।

'ବେରଙ୍ଗୀ ପୁରୁଷ' ଗପରେ ଖୁବ୍ ପାଖରେ ନାରୀର ତତଲା ନିଃଶ୍ୱାସକୁ ସହଜରେ ପ୍ରତ୍ୟାଖାନ କରି ପାରୁଥିବା ଜଣେ ପୁରୁଷର କାହାଣୀ। ଦୀର୍ଘଦିନ ଧରି କାମାନଳରେ ଜଳି ଯାଉଥିବା ଅଙ୍ଗ ସୌଷ୍ଠବରେ ଭରା ଜଣେ ସ୍ୱାମୀ ପ୍ରତ୍ୟାଖାତା ନାରୀଟିଏ ପାଖରେ ପ୍ରେମିକ ପୁରୁଷ କିନ୍ତୁ ସ୍ଥବିର, ନିଷ୍କଳ। ପ୍ରେମ ଏଠି ଦେହାତିତ। ଯୌବନଭାରରେ ଆନତ ନାରୀ ଜଣକ ନିଜ ଦେହକୁ ନିଃସର୍ତ୍ତରେ ଅଜାଡି ଦେବାକୁ ଚାହୁଁଥିବା ବେଳେ ପୁରୁଷ ତା'ର ଅସହାୟତାର ଫାଇଦା ନ ନେଇ ମାନବିକ ଦୃଷ୍ଟିକୋଣରୁ ଜଣେ ବନ୍ଧୁ ଭାବରେ ସାହାଯ୍ୟର ହାତ ବଢ଼େଇ ଚାଲିଛି। 'ବେରଙ୍ଗୀ ପୁରୁଷ' ଗଳ୍ପରେ ଗାଳ୍ପିକ ଆନନ୍ଦ କୁମାର ମାଇତି ଗଳ୍ପ ନାୟକ ସତ୍ୟ ମାଧ୍ୟମରେ ଏହା ପ୍ରମାଣିତ କରିଛନ୍ତି। ଉକ୍ତ ଗଳ୍ପରେ ଗାଳ୍ପିକ ଜଣେ ପୁରୁଷକୁ ଦୃଢ଼ମନା, ସଂଜମୀ ଓ ନିର୍ବିକାର କରି ତା'ର ପୌରୁଷକୁ ପ୍ରଦର୍ଶିତ କରିଛନ୍ତି।

ଅର୍ଥ ଅନର୍ଥର ମୂଳ। ବସ୍ତୁବାଦୀ ମଣିଷ ଅର୍ଥ ପଛରେ ଦୌଡ଼ି ନୈତିକତାକୁ ଭୁଲିଯାଏ। ଅର୍ଥଲୋଭ ସମ୍ପର୍କକୁ ଭାଙ୍ଗିଦିଏ, ଯେଉଁ ଲୋଭରେ ଜଣେ ମଣିଷ ମାରିବାକୁ ବି ପଛାଏ ନାହିଁ। 'ଲୋଭୀବାପା' ଗଳ୍ପ ଏହାର ନିଛକ ଉଦାହରଣ। ଜ୍ୱାଇଁର ଅନୁପସ୍ଥିତିରେ ନିଶାସକ୍ତ ଲୋଭୀବାପା ନୀଳକଣ୍ଠ ଟ୍ରେନ୍ ଲାଇନରେ କଟି ମୃତ ଏକ ଅଚିହ୍ନା ଯୁବକକୁ ନିଜର ଜ୍ୱାଇଁର ପରିଚୟ ଦେଇ କ୍ଷତିପୂରଣ ବାବଦ ୨୫ ହଜାର ଟଙ୍କା ପାଇ ହଡପ କରିବାକୁ ଯୋଜନା କରିଥିବା ବେଳେ, ହଠାତ୍ ଜ୍ୱାଇଁର ଉପସ୍ଥିତି ତାକୁ ହରଡ଼ଘଣାରେ ପକାଏ। ଜ୍ୱାଇଁକୁ ମିଛ ବାହାନାରେ ସେଇ ବଜାରକୁ ଯିବା ବାଟରେ ଚଳନ୍ତା ଟ୍ରେନ୍ ଆଗକୁ ଠେଲିଦେଇ ହତ୍ୟାକରେ। ଅର୍ଥଲୋଭ ଏଭଳି ଅମଣିଷ କରିଦିଏ, ବାପ ବି ଭୁଲିଯାଏ ଝିଅର ଭବିଷ୍ୟତ ଏବଂ ଝିଅକୁ ବିଧବା ସଜେଇବାକୁ ସେ କୁଣ୍ଠା ପ୍ରକାଶ କରେନି। ତା' ଭିତରୁ ଅର୍ଥ ପାଇଁ ଏକ ଅପରାଧ ପ୍ରବଣତା ସିଂହ ପରି ଚେଇଁଉଠେ।

'ଦାମ୍ପତ୍ୟ' ଗଳ୍ପରେ ନାରୀ ମନର ଅକୁହାକଥାକୁ ଗାଳ୍ପିକ ଚମତ୍କାର ଢଙ୍ଗରେ ବର୍ଣ୍ଣନା କରିଛନ୍ତି। ପ୍ରତ୍ୟେକ ନାରୀ ସମ୍ମାନର ସହ ବଞ୍ଚିବାକୁ ଚାହେଁ। ଏକ ସୁନ୍ଦର ପୁରୁଷର ଛବି, ଯିଏ ଜୀବନର ଅଙ୍କାବଙ୍କା ରାସ୍ତାରେ ହାତଧରି ସାରା ଜୀବନ ଚାଲିପାରିବ ଉଙ୍କି ମାରୁଥାଏ ନାରୀ ମନରେ। ସେ ସୀମନ୍ତିନୀ ହେବ, ମା' ହେବ ଏବଂ ଏକ ଭରପୂର ସଂସାର ଭିତରେ ତା' ଜୀବନ ଅତିବାହିତ କରିବ - ଏ ସ୍ୱପ୍ନ ପ୍ରତି ନାରୀର ଥାଏ। କିନ୍ତୁ ସ୍ୱପ୍ନ କ'ଣ ପୂରଣ ହୁଏ? ପରିସ୍ଥିତିର ବାଧ୍ୟବାଧକତାରେ ନାରୀଟିଏ କୁପଥର ଯାତ୍ରୀ ହୁଏ। କୁଳଟା ସାଜେ। ବହୁ ପୁରୁଷର ଶଯ୍ୟାସଙ୍ଗିନୀ ହୁଏ। ତା'ର ଦେହ ବିକ୍ରି ହୁଏ। ତା' ମନ କିନ୍ତୁ ପଙ୍କରେ ପଦ୍ମ ପରି ଢଳଢଳ ହେଉଥାଏ। ତା' ମନରେ ଜଣେ ଆକାଂକ୍ଷିତ ପୁରୁଷ ପାଇଁ ଅନେକ ଯୁଗର ପ୍ରତୀକ୍ଷା ଥାଏ। ସେଭଳି ପୁରୁଷ ଯେବେ ମିଳିଯାଏ, ସେ ନିଜକୁ ଧନ୍ୟ ମନେକରେ। ପାଷାଣୀରୁ ଅହଲ୍ୟା ପାଲଟିଯାଏ। 'ଦାମ୍ପତ୍ୟ' ଗଳ୍ପ ନାୟିକା ରେବତୀର ଅଙ୍ଗେନିଭା ସମସ୍ତ କଳଙ୍କିତ କାହାଣୀ ଶୁଣିଲା ପରେ ନାୟକ ହରିଶ୍ ବାସ୍ତବତାକୁ ବୁଝି ତାକୁ ଗ୍ରହଣ କରିଛି। ରେବତୀର ଭାଗ୍ୟରେ ସୂର୍ଯ୍ୟ ଉଇଁଛି ଏବଂ ସେ ସୌଭାଗ୍ୟବତୀ ହେବାର ବିରଳ ସୌଭାଗ୍ୟ ଲାଭ କରିଛି। ଉକ୍ତ ଗଳ୍ପରେ ଦେହଦାହ ଅପେକ୍ଷା ହୃଦୟ ସହିତ ହୃଦୟର ମିଳନ ହିଁ ପ୍ରେମର ପରିଭାଷା ହୋଇପାରେ ଗାଳ୍ପିକ ଆନନ୍ଦ ମାଇତି ତାକୁ ଚମତ୍କାର ଭାବେ ଶବ୍ଦରୂପ ଦେଇଛନ୍ତି।

ଟପାଟପିର ଘୋଡ଼ାଦୌଡ଼, ଲାଭ କ୍ଷତିର ଅଙ୍କକଷା, ବ୍ୟସ୍ତତା ଓ କୋଳାହଳ ମଧ୍ୟରେ ମଣିଷ ବେଳେ ବେଳେ ଅଣନିଃଶ୍ୱାସୀ ହୋଇ ନିଜକୁ ନିଃସଙ୍ଗ ଅନୁଭବ କରେ। ନିଃସଙ୍ଗତା ଏକ ବ୍ୟାଧି। ସେଥିରେ ଆକ୍ରାନ୍ତ ଯେ କେହି ନିଜକୁ ଅତ୍ୟନ୍ତ ଅସହାୟ ଓ ଅବହେଳିତ ଅନୁଭବ କରେ। ସେ ସମଧର୍ମୀକୁ ଖୋଜୁଥାଏ, ଯିଏ ସୁଖରେ ଦୁଃଖରେ ବଂଚିବାର ରାହାଟିଏ ହେବ। 'ପଶ୍ଚିମଗାମୀ ପୁରୁଷ' ଗଳ୍ପରେ ସତେଇଶଟି ବସନ୍ତ ଅତିକ୍ରମ କରିଥିବା ସୁନ୍ଦରୀ ସୁଲୋଚନା ବେଶ୍ ଶିକ୍ଷିତା, ଆତ୍ମନିର୍ଭରଶୀଳା। ସେ ବିଚାର ବିଭାଗରେ ଉଚ୍ଚ ଚାକିରୀ କରିଛି; କିନ୍ତୁ ବାପାଙ୍କ ମୃତ୍ୟୁ ପରେ ନିଜକୁ ଏକାକିନୀ ମନେକରେ। ସାରା ଦୁନିଆ ତାକୁ ଅଚିହ୍ନା ଅଚିହ୍ନା ଲାଗେ। ଯେମିତି ସେ କାହାରିକୁ ଚିହ୍ନିନି କି ତାକୁ କେହି ଚିହ୍ନି ନାହାଁନ୍ତି। ହଠାତ୍ ଦିନେ ନିଃସଙ୍ଗତାରେ ଘାରି ହେଉଥିବା ପ୍ରଫେସର ରମେଶ ବାବୁଙ୍କ ସହ ତା'ର ଭେଟହୁଏ। ଯଦିଓ ରମେଶ ବାବୁ ବୟସର ମଧ୍ୟାହ୍ନରେ ପହଞ୍ଚି ସାରିଥାନ୍ତି, ତଥାପି ତାଙ୍କ ବ୍ୟକ୍ତିତ୍ୱରେ ସୁଲୋଚନା ପ୍ରଭାବିତ ହୁଏ। ପ୍ରଥମ ଦେଖାରୁ ଲୌହ ଓ ଚୁମ୍ବକର ଆକର୍ଷଣ ପରି ବୟସର ବ୍ୟବଧାନ ସତ୍ତ୍ୱେ ଦୁଇଜଣ ପ୍ରେମରେ ପଡ଼ନ୍ତି। ନିଃସଙ୍ଗତାର ବଳୟ ଭେଦି ଦୁଇ ମନ ଦୁଇ ଶରୀର ଏକ ହେବା ପାଇଁ ରାସ୍ତାଟିଏ ଫିଟିଯାଏ। ଏ ଗଳ୍ପରେ ମଧ୍ୟ ଦେହଦାହର କଥା ଅଛି। ତା' ଅନ୍ତରାଳରେ କଳା ବାଦଲ ଭିତରେ ବିଜୁଳି ଛପିଲା ପରି ପ୍ରେମ ମଧ୍ୟ ଲୁଚି ରହିଛି।

ପରିଶେଷରେ କଥାକାର ଆନନ୍ଦ ମାଇତିଙ୍କ ଗଳ୍ପ ସଂକଳନ ଦାମ୍ପତ୍ୟ ସମ୍ପର୍କରେ କୁହାଯାଇ ପାରିବ ଏଥିରେ ସ୍ଥାନିତ ଦଶଗୋଟି ଗଳ୍ପର ଆତ୍ମିକ ଦୃଷ୍ଟିଭଙ୍ଗୀ ପ୍ରାୟ ସମାନ। ମଣିଷର ସର୍ବଶ୍ରେଷ୍ଠ ଅକୁହା ଆଦିମ ଆବଶ୍ୟକତା ତାହା ହେଉଛି ଯୌନାକାଂକ୍ଷା କେଉଁଠି ନା' କେଉଁଠି ପ୍ରତ୍ୟେକ ଗଳ୍ପରେ ପ୍ରତିଫଳିତ, କିନ୍ତୁ ପାଠକଟିଏ ସୂକ୍ଷ୍ମ ଭାବେ ଅନୁଧ୍ୟାନ କଲେ ବୁଝିପାରିବ ବାସ୍ତବ ଜୀବନ ଯାପନ ଠାରୁ ସାମାନ୍ୟ ବି ଦୂରେ ନୁହେଁ ଗଳ୍ପର ବିଷୟ ବସ୍ତୁ। ଯାହା ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ଭାବନା ଭିତରେ ଛପି ରହିଥାଏ। ଅଷ୍ଟ୍ରେଲିୟ ମନୋବୈଜ୍ଞାନିକ **Sigmund Freud**ଙ୍କ ରଚିତ **Theory of Sexuality,** ୧୯୦୫ରେ ଦେଖିବାକୁ ମିଳେ ସାମାଜିକ ସମସ୍ୟା ଜନିତ ଦୁଃଖ, ଦାରିଦ୍ର୍ୟ, ଅନ୍ତର୍ବେଦନା ଓ ଦୁଃସ୍ଥିତି ସତ୍ତ୍ୱେ ବ୍ୟକ୍ତି ସତ୍ତାର ଅବଚେତନ ମନ ତଳେ ଛପି ରହିଥାଏ ଯୌନଭାବ, ଯାହାର ଅଭାବରେ ଜୀବନ ଅସଫଳ। ଗଳ୍ପଗୁଡ଼ିକରେ ମୁଖ୍ୟ ଚରିତ୍ରଙ୍କୁ ଛାଡ଼ିଗଲେ ଅନେକ ପାର୍ଶ୍ୱ ଚରିତ୍ର ଅଛନ୍ତି ଯେଉଁମାନଙ୍କୁ ଅଣଦେଖା କରାଯାଇ ପାରିବ ନାହିଁ।

ସେମାନେ ମଧ୍ୟ ସାମାଜିକ ଅବିମୃଶ୍ୟକାରିତା ଓ ବ୍ୟବସ୍ଥାଗତ ତ୍ରୁଟିର ଶିକାର ହୁଅନ୍ତି ଏବଂ ସେମାନଙ୍କର ସ୍ୱରକୁ ଚାପି ଦିଆଯିବାର ପ୍ରୟାସ ହୋଇଥାଏ।

ଗାଳ୍ପିକ ଆନନ୍ଦ କୁମାର ମାଇତି ବ୍ୟକ୍ତି ଜୀବନର ବହୁବିଧ ସମସ୍ୟା ଜନିତ ଅନେକ କଥା ଓ ବ୍ୟଥାକୁ ଦର୍ଶେଇବାକୁ ଯାଇ କଳାତ୍ମକ ପୁଟରେ ଶବ୍ଦଗୁଡ଼ିକୁ ସଜେଇଛନ୍ତି । ଏହି ସଂକଳନଟି ଶ୍ରୀ ମାଇତିଙ୍କର ଦ୍ୱିତିୟ ଗଳ୍ପ ସଂକଳନ ।

❤ ଅଧ୍ୟାପକ: ଡେରାବିଶ କଲେଜ,
ଡେରାବିଶ, କେନ୍ଦ୍ରାପଡ଼ା - ୭୫୪୨୮୯
(ମୋ) ୯୭୭୭୮୪୩୦୩୧

ବହୁମତ

ବହୁମତ ବହୁମତ ବହୁମତ ବହୁମତ ବହୁମତ
ବହୁମତ ବହୁମତ ବହୁମତ ବହୁମତ ବହୁମତ
ବହୁମତ ବହୁମତ ବହୁମତ ବହୁମତ ବହୁମତ
ବହୁମତ ବହୁମତ ବହୁମତ ବହୁମତ ବହୁମତ
ବହୁମତ ବହୁମତ ବହୁମତ ବହୁମତ ବହୁମତ

ପୂଜା ପତ୍ରିକା ସମୀକ୍ଷା

ସୃଜନାକ୍ଷର

ସମ୍ପାଦକ :
ଡ. ରାଧାରଂଜନ ପଟ୍ଟନାୟକ
ଠିକଣା : ଜାଦ୍ରାବାଦ, ସ୍ଟୁନହଟ, ବାଲେଶ୍ୱର-୨
(ମୋ) ୯୪୩୮୨୯୦୦୭୨
ମୂଲ୍ୟ : ୧୨୦/-



"ଭୂଗୋଳକାରମାନେ କହନ୍ତି, ବର୍ଷକ ଛଅଋତୁ । ମାତ୍ର ସାହିତ୍ୟିକମାନଙ୍କ ପାଇଁ ବର୍ଷକ ସାତ ଋତୁ । ହଁ, ଆଶ୍ଚର୍ଯ୍ୟ ହେବାର କିଛିନାହିଁ । ତାହା ହେଉଛି ସାରସ୍ୱତ ପାର୍ବଣର ଋତୁ । ବର୍ଷ ତମାମ ସାହିତ୍ୟିକମାନେ ଚୁପ୍‌ଚାପ୍ ବସିଥାନ୍ତି; କିନ୍ତୁ ଏହି ଋତୁ ଆସିଲେ ଖପ୍‌ଖାପ୍ ଇଆଁ ମାରନ୍ତି ଠିକ୍ ବର୍ଷାଦିନରେ ବେଙ୍ଗ ଭଳି । କାନ୍ଧରେ ଝୁଲା ବ୍ୟାଗ, ହାତରେ କେଇଖଣ୍ଡ ବହି ଏବଂ ରଂଗବେରଙ୍ଗର ଆଖିଦୃଶିଆ ପୋଷାକ ପିନ୍ଧି ବିଭିନ୍ନ ସାରସ୍ୱତ ମଞ୍ଚରେ ସମବେତ ହୁଅନ୍ତି । ପରସ୍ପର ମଧ୍ୟରେ ଆରମ୍ଭ ହୁଏ ଭାବ ବିନିମୟ । କରମର୍ଦ୍ଦନର ମୃଦୁ ପରିଚୟ । ଆତ୍ମୀୟତାର ଭାବାବେଗରେ ଜମିଉଠେ ସାହିତ୍ୟ ଆସର ।+++++ଅନ୍ଧାର ଭିତରୁ ଦେହ ଓ ମନକୁ ଶୁଭ୍ର ଆଲୋକରେ ଆଲୋକିତ କରିବାକୁ ପଡିବ । ସ୍ରଷ୍ଟାପୁରୁଷ ଏକ ନୀରବିତ ଅହଙ୍କାରରୁ ଦୂରେଇ ସ୍ୱାଭିମାନର ଆତ୍ମବଳକୁ ଆୟୁଧ କରିବାକୁ ହେବ । ସର୍ବୋପରି ମନନଶୀଳ, ନବନବ ଉନ୍ମେଷଶାଳିନୀ ପ୍ରଜ୍ଞାର ଅଧିକାରୀ ହୋଇ ନିଜ ସାରସ୍ୱତ ସର୍ଜନାରେ ମଗ୍ନ ରହିଲେ ନିଜର ଖ୍ୟାତି ସ୍ୱତଃ ପ୍ରସାରିତ ହେବ । ଏଥିପାଇଁ ନା ନିଜକୁ ବିଜ୍ଞପିତ କରିବାକୁ ପଡିବ ନା ବଡବଡ ହୋଡିଂ ଲଗେଇବାକୁ ପଡିବ !!"

ବାଲେଶ୍ୱରରୁ ପ୍ରକାଶିତ ଡିଜିଟାଲ ଏବଂ ପାରମ୍ପାରିକ ସାହିତ୍ୟ ପତ୍ରିକା 'ସୃଜନାକ୍ଷର'ର ସମ୍ପାଦକୀୟ ସ୍ତମ୍ଭ 'ଅତଏବ'ରେ ଏତକ ବକ୍ତବ୍ୟ ରଖଛନ୍ତି ସଂପାଦକ ତଥା ବିଶିଷ୍ଟ କବି ତଥା ସମାଲୋଚକ ଡ. ରାଧାରଂଜନ ପଟ୍ଟନାୟକ।

୯୮ ପୃଷ୍ଠାର କଳେବର ଭିତରେ 'ସାମ୍ନାସାମ୍ନି' ବିଭାଗରେ ଯଶସ୍ୱୀ ସାରସ୍ୱତ ସ୍ରଷ୍ଟା ଡ. ରାଖାଲ ଚନ୍ଦ୍ର ଘଡାଇଙ୍କ ସହ ଏକ ମନୋଜ୍ଞ ସାକ୍ଷାତକାର ପ୍ରକାଶ ପାଇଥିବା ବେଳେ ଗଳ୍ପ ଗବାକ୍ଷରେ ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ଉଦୟ ନାରାୟଣ ଦାସ, କମଳ ଦାସ, ମଳୟ ମିଶ୍ର, ପ୍ରଦୀପ୍ତ କୁମାର ମିଶ୍ର, ଅଶ୍ୱିନୀ କୁମାର ମହାନ୍ତି, କମଳିନୀ ମଲ୍ଲିକ, ଜ୍ଞାନେନ୍ଦ୍ର ନାଥ ପଟ୍ଟନାୟକ ଓ ସ୍ମୃତି ପଟ୍ଟନାୟକଙ୍କ ଗଳ୍ପ ପ୍ରକାଶିତ ହୋଇଛି ।

କବିତା କୈବଲ୍ୟରେ କବି ସର୍ବଶ୍ରୀ ଫନୀ ମହାନ୍ତି, ଉମେଶ ଚନ୍ଦ୍ର ବାରିକ, ଶ୍ରୀଦେବ, ଡ. ନୃସିଂହ ଷଡଙ୍ଗୀ, ଗଙ୍ଗାଧର ଦାସ, ଅଜୟ ସ୍ୱାଇଁ, ରୀତା ନାୟକ, ଦୀପ୍ତି ଦାସ, ସୈରିନ୍ଧ୍ରୀ ସାହୁ, ପ୍ରଶାନ୍ତ ଦାସ, ଯଶୋଧାରା ଦାସ, କାଳୀପଦ ପଣ୍ଡା, ଚିନ୍ମୟ ରଂଜନ ମିଶ୍ର, ମମତା ବାରିକ, ପାର୍ବତୀ ବାରିକ, ପିନାକୀ ମିଶ୍ର, ସୁଧୀର ମେହେର, ଡ. ସୁବାସ ମିଶ୍ର, ନୃସିଂହ ଚରଣ ସ, ସୁଧାମୟୀ ଦାସ, ମନସ୍ୱିନୀ ଦେବୀ, ଶାନ୍ତନୁ ପଟ୍ଟନାୟକ, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଶ୍ରୀକାନ୍ତ ରଥ, ଯାଦବେଶ ମିଶ୍ର, ବୀରକିଶୋର ପ୍ରଧାନ, ରଂଜନ ବାଗ, ଡା. ଅଭିମନ୍ୟୁ କାନୁନ୍‌ଗୋ କବିତା ସ୍ଥାନିତ ହୋଇଥିବା ବେଳେ 'ପ୍ରବନ୍ଧ ପୃଥିବୀ'ରେ ପ୍ରଫେସର କୀର୍ତିଶ ଆଚାର୍ଯ୍ୟ, ଡ. ଶ୍ରୀହରି ଧଳ, ଡ. ମନ୍ମଥ କୁମାର ପ୍ରଧାନ, ଚନ୍ଦନ ଷଡଙ୍ଗୀ, ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ସୁନନ୍ଦା ବି. ମହାପାତ୍ରଙ୍କ ଉପାଦେୟ ପ୍ରବନ୍ଧ ସ୍ଥାନ ପାଇଛି । 'ମିରର୍ ସୃଜନାକ୍ଷର' ସ୍ତମ୍ଭରେ 'କଲମ ସହ କସରତ୍ କରୁଥିବା ଅନନ୍ୟ ସର୍ଜନାକାର ପୀତାମ୍ବର ଦାସ' ପ୍ରକାଶ ପାଇଛି । ମୋଟାମୋଟି ଭାବେ ପତ୍ରିକାଟି ବେଶ୍ ସୁଦୃଶ୍ୟ, ପରିଚ୍ଛନ୍ନ ଓ ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହେବ ବୋଲି କୁହାଯାଇପାରେ ।

❤ ସମୀକ୍ଷା:
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ଜୟ ଜୀବନରେ ନୂଆ ବରଷ ପାଳନ ଧେୟ ହେଉ !



ପ୍ରଦୋଷ କୁମାର ଦାସ

ମୁହୂର୍ତ୍ତ ମୂହୁର୍ତ୍ତ ହୋଇ ଦଣ୍ଡ, ଦିନ ମାସ ହୋଇ ବାର ମାସ ହୋଇ ସମୟର ଚକ ଘୁରି ଘୁରି ପୁଣି ଯଥାରୀତି ଭାବେ ବର୍ଷଟିଏର ଅବଧି ଶେଷ ହେବା ପର୍ଯ୍ୟାୟରେ ଉପନୀତ। ଏହି ଧାରା ନିରଳସ ଭାବେ କେଉଁ ଅନାଦି କାଳ ରୁ ଚାଲିଛି ଯେ ଚାଲି ରହିଛି। ସମୟର ଚକ ଆଗକୁ ଆଗକୁ ଥକାହୀନ ଚାଲିଛି। ଜନ୍ମ ମ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର,୩୧ ଡିସେମ୍ବର ୨୦୨୩

ସ୍ୱଚୟନ ସ୍ୱଚୟନ ସ୍ୱଚୟନ ସ୍ୱଚୟନ ସ୍ୱଚୟନ ସ୍ୱଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଚେତନାର ଦର୍ପଣ - ୧୨

ପ୍ରକୃତ ଶାନ୍ତି

♥ ଲଳିତ ମୋହନ ମିଶ୍ର

ଆମେ ଯେତେ ସରଳ, ଆମ ଜୀବନ ସେତେ ମଧୁମୟ । ଆମ ମନର ପ୍ରତ୍ୟେକ ମୁହୂର୍ତ୍ତ କ୍ରୋଧ, ଲୋଭ, ଆକର୍ଷଣ,ଆଶକ୍ତି ଓ ଘୃଣାରେ ପରିପୂର୍ଣ୍ଣ । ଏକ ସୁନ୍ଦର ଜୀବନ ନେଇ ବଞ୍ଚିବାକୁ ହେଲେ ଆମେ ଆମର ଜୀବନକୁ ପ୍ରକୃତିର ଗଭୀରତା ସହିତ ବୁଡ଼ିବା ଦରକାର । ମନର ଶାନ୍ତି ଆଣିବାକୁ ହେଲେ ନଦୀର ଗଭୀରତା ପରି ହେବା ଆବଶ୍ୟକ । ଯେଉଁଠାରେ ନଦୀ ଯେତେ ଗଭୀର, ସେ ସେଠାରେ ସେତେ ଶାନ୍ତ । ସମାନ ନିୟମ ଆମ ଜୀବନରେ ମଧ୍ୟ ପ୍ରଯୁଜ୍ୟ । ଯଦି ଆମେ ଜୀବନକୁ ଶାନ୍ତ ରଖିବାକୁ ଇଚ୍ଛା କରୁଛେ ତେବେ ଜୀବନର ଗଭୀରତାକୁ ଯିବାକୁ ହେବ । ଶାନ୍ତିର ସନ୍ଧାନରେ, ଯଦି ନଦୀ ପରି ଗଭୀର ହେବ ନାହିଁ, ତେବେ ବୀଜ ପରି ହୁଅ । ବୀଜ ବପନ ପରେ ବୀଜର ଫଳାଫଳ କ'ଣ ହେବ ଜାଣେ ନାହିଁ । କେତେ ବଡ ଗଛ ହେବ ? ଫୁଲ କିପରି ଧାରଣ କରିବ, ଜାଣେ ନାହିଁ । କିନ୍ତୁ ଗୋଟେ କଥା ଜାଣେ ମୁଁ ଏକ ବୀଜ ! ମୋତେ ବଞ୍ଚିବାକୁ ଦିଅ ।

କେବଳ, ନିଜ ଭିତରେ ବୀଜ ପରି ଭାବ ଆଣ, ଆମେ ମଣିଷ । ଆମର ମନକୁ ଶାନ୍ତ ଆଣିବାକୁ ପଡିବ । ଯଦି ତିନୋଟି କାର୍ଯ୍ୟ କରିବେ ତେବେ ଆପଣ ନିଜକୁ ବୀଜର ଭାବ ଆଣି ପାରିବେ, ତେବେ ମନରେ ଶାନ୍ତି ପାଇବେ । ୧. ଯେତେବେଳେ ଆପଣ ପରିବାର ପାଇଁ ସମୟ ଦେଉଛନ୍ତି, ଆପଣ ପରିବାରଙ୍କୁ ପୂର୍ଣ୍ଣ ସମୟ ଦିଅନ୍ତୁ ଯେଉଁଥି ପାଇଁ ସେମାନେ ଯୋଗ୍ୟ । ସେମାନଙ୍କ ସହିତ ସମୟାଭାବର ବାହାନା କରି ଛଳ କପଟ କରି ଖେଳନ୍ତୁ ନାହିଁ । ୨.ଯେତେବେଳେ ଆପଣ ସମାଜ ବା ରାଷ୍ଟ୍ରର ସେବା କରୁଛନ୍ତି, ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ହୋଇ ସେବା କରନ୍ତୁ । ୩. ଯେତେ ବେଳେ ଆପଣ କାହା କଥା ଶୁଣୁଛନ୍ତି, ପୂର୍ଣ୍ଣ ଉଦାର ଚିତ୍ତରେ ଶୁଣନ୍ତୁ । ବକ୍ତାଙ୍କୁ କହିବାକୁ ପୂର୍ଣ୍ଣ ସୁଯୋଗ ଦିଅନ୍ତୁ । ଆମେ ଯଦି ତାଙ୍କ କଥା ଶୁଣିବା, ଆମ କଥା କିଏ ହେଲେ ନିଶ୍ଚୟ ଶୁଣିବ ! ପ୍ରକୃତିର ଏକ ନୀତି ଅଛି, ଆମେ ଯାହା ତାଙ୍କୁ ଦେବା । ତାହା ସେ ଆମକୁ ଫେରସ୍ତ କରିଦିଏ । କିନ୍ତୁ ଆମେ ଆଶା କରିଛୁ ? ପାଇବା... କିନ୍ତୁ ଅବଧି ଚକ୍ରର ସମୟ ଆସିଲେ ! ଶାନ୍ତିର ବୀଜ ଏହା ବୋଲି ଜାଣ ନାହିଁ । କାରଣ ଏହାର ଫୁଲ କେଉଁ ଶାଖାରେ ଫୁଟିବ, କିପରି ଫଳ ଦେବ ? ତଥାପି ବୀଜ ଅଙ୍କୁରିତ ହୁଏ । ବୀଜ ପାଖରେ ସେସବୁ ଭାବ ନ ଥାଏ । ଆମେ ଏମିତି କାର୍ଯ୍ୟ କରିବା, ଯେମିତିକି ଶାନ୍ତିର ଫୁଲ ଫୁଟିବ । ଶାନ୍ତିର ଫୁଲ କେଉଁଠି ଫୁଟିବ ସେ ବିଷୟରେ ଚିନ୍ତା କରନ୍ତୁ ନାହିଁ । ଶାନ୍ତିର ବୀଜ ଜୀବନସାଥୀ ପରି ଫୁଟିବ । ଶିଶୁଟି ପରି ହୋଇ, ଆମ ଜୀବନରେ ସଫଳତା ଆଣିଦେବ । ଶାନ୍ତି ମଣିଷର ଜନ୍ମଗତ ଅଧିକାର । ତେଣୁ ଜୀବନ ପ୍ରକୃତିରେ ଶାନ୍ତ ଗମ୍ଭୀର ହୋଇ ଈଶ୍ୱରଙ୍କ ବିଷୟରେ ଚିନ୍ତା କର ।

♥ କୁରାଳ, ନୟାଗଡ,
ମୋ:୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୧୧)
ଲକ୍ଷ୍ମଣନାଥ ଦୂର୍ଗାପୂଜା

ଦୁର୍ଗାପୂଜା କହିଲେ ପିଲାଦିନେ ଆମେ ଲକ୍ଷ୍ମଣନାଥ ଦୁର୍ଗାପୂଜା କଥା ବୁଝୁଥିଲୁ । ଶୀଘ୍ର ଭାତ ଖାଇଦେଇ ବାପା, ମାଆ,ନାନି ଓ ସାନଭଉଣୀ ତାରାଦିଘି ଗାଁ ପାଖଦେଇ ହିଡ ରାସ୍ତାରେ ଚାଲିଚାଲି କୁଣ୍ଡୁଳି ଗାଁରେ ପହଞ୍ଚି ସେଠାରୁ ଅଳ୍ପଦୂରରେ ଥିବା ଗୁରୁଦାସପୁର ନୌକାଘାଟରେ ପହଞ୍ଚୁଥିଲୁ । ନୋକାଘାଟ ପାଖରେ ପୂ: ଜମିଦାର ଆଦ୍ୟନାଥ ଦାସ ଅଧିକାରୀଙ୍କ ଘରେ ବି ଦୁର୍ଗାପୁଜା ହେଉଥାଏ । କିଛିବର୍ଷପାଇଁ ଗୁରୁଦାସପୁର ନୌକାଘାଟ ପାଖରେ ଭୀମଙ୍କର ବିରାଟ ମୂର୍ତ୍ତି ତିଆରି ହେଉଥିଲା ।

କିନ୍ତୁ ମନତ ଯାଇ ବୁଲୁଛି ନଦୀ ଆରପାଖ ଲକ୍ଷ୍ମଣନାଥ ଦୂର୍ଗାପୂଜା ଓ ମେଳାରେ ! ଏଠାରେ ଦେଖୁଛି କିଏ ?

ନୌକା ଘାଟରେ ପ୍ରାୟ ଦୁଇରୁ ଅଧିକ ନୌକା ମେଳା ଯାତ୍ରୀଙ୍କୁ ପାରଉତାର କରୁଥାଏ । ବହୁତଲୋକ, ଅସମ୍ଭବ ଭିଡ । ତେଣୁ, ଆଗତୁରା ଯବା ଆସିବାର ଭଡାପଇସା ଦେଇ ଟିକଟକରି ନୌକାକୁ ଉଠିବାକୁ ହୁଏ । ଅବଶ୍ୟ ଘାଟିଆ ତରଫରୁ ଲୋକରହି ନୌକାକୁ ଉଠିବା, ସାଇକେଲ ଉଠାଇବା ଓ ଉହ୍ଲାଇବାରେ ସାହାଯ୍ୟ କରନ୍ତି । ଟିକଟ ହଜାଇଦେଲେ ଫେରିବା ସମୟରେ ପୁଣି ଭଡା ଦେବାକୁ ହୁଏ । (ସେତେବେଳେ ମୋଟର ସାଇକେଲ ଓ ସ୍କୁଟିର ପ୍ରଚଳନ ହୋଇନଥାଏ)ଏବେ ସକାଳ ଓଳି ଅପେକ୍ଷା ଉପରଓଳି ଓ ସନ୍ଧ୍ୟାରେ ବେଶୀ ଲୋକ ମେଳାକୁ ଯାଉଛନ୍ତି ସିଏ ପୁଣି ସପରିବାର ଦୁଇ ଚକିଆ ଓ ଚାରିଚକିଆରେ ।

ପ୍ରଥମଥର ଯେତେବେଳେ ମୁଁ ମେଳାରେ ପହଞ୍ଚିଲି, ମେଳାର ଆୟତନ , ଲୋକଭିଡ, ମାଆଦୁର୍ଗା ଓ ଶ୍ରୀଶ୍ୟାମାଙ୍କ ବିଶାଳ ଓ ଆକର୍ଷଣୀୟ ମୂର୍ତ୍ତି ଏବଂ ସାଜସଜ୍ଜା,

ଅବଶ୍ୟ ଜଳେଶ୍ୱର ଷ୍ଟେସନ ବଜାରରେ ରେଳଷ୍ଟେସନ ପାଖରେ ଦୁର୍ଗାପୂଜା ହେଉଥାଏ । କିନ୍ତୁ, ତାହା ସେତେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ନଥିଲା ବା ଉଠା ଦୋକାନ ଆସୁନଥାଏ । ଷ୍ଟେସନ ବଜାରରେ ବି ସେତେବେଳେ ସ୍ଥାୟୀ ଦୋକାନପତ୍ର ସେତେବେଶୀ ନଥାଏ । ଅଧିକାଂଶ ସଡକପାଖ ଜାଗା ଖାଲି ପଡିଥାଏ। ଅରମାଗଛ ଉଠି ସାପ, ବିଛା ଓ ଅନ୍ୟାନ୍ୟ କୀଟପତଙ୍ଗଙ୍କ ଆଶ୍ରୟସ୍ଥଳ ହୋଇଥାଏ । + + + ତେଣୁ, ଜଳେଶ୍ୱର ସହରର ଆଖପାଖ ବା ଦୂରରୁ ଆସୁଥିବା ଲୋକମାନେ ଜଳେଶ୍ୱରରେ ବୁଲିଦେଇ ଓ ଜଳଖିଆଖାଇ ବା ପାନ ଖିଲେ କଳରେ ଜାକି ଚାଲିଚାଲି ଲକ୍ଷ୍ମଣନାଥ ଦୁର୍ଗାପୂଜା ଦେଖିବା ଓ ମେଳାରେ ବୁଲିବା ପାଇଁ ଯାଆନ୍ତି ।

ଦ୍ୱାଦଶ ଶିବଲିଙ୍ଗ, ଜମିଦାରଙ୍କ ଉଆସ ଏବଂ ରାଣୀ ପୋଖରୀ ଦେଖି ତଟସ୍ଥ ହୋଇ ଅନେଇ ରହିଲି । ମୋ ଆଖି ଝଲସି ଯାଇଥିଲା । ମେଳାରେ ସାରିକିସାରି ଅଗଣିତ ହରେକ୍ ଜିନିଷର ଦୋକାନ ବସିଥାଏ । ତେବେ ଦେବୀଙ୍କ ପାଖରେ ପଶୁବଳୀ ମୋତେ ଭୟଭୀତ କରି ପକାଇଲା ।

ଅବଶ୍ୟ ଜଳେଶ୍ୱର ଷ୍ଟେସନ ବଜାରରେ ରେଳଷ୍ଟେସନ ପାଖରେ ଦୁର୍ଗାପୂଜା ହେଉଥାଏ । କିନ୍ତୁ, ତାହା ସେତେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ନଥିଲା ବା ଉଠା ଦୋକାନ ଆସୁନଥାଏ । ଷ୍ଟେସନ ବଜାରରେ ବି ସେତେବେଳେ ସ୍ଥାୟୀ ଦୋକାନପତ୍ର ସେତେବେଶୀ ନଥାଏ । ଅଧିକାଂଶ ସଡକପାଖ ଜାଗା ଖାଲି ପଡିଥାଏ। ଅରମାଗଛ ଉଠି ସାପ, ବିଛା ଓ ଅନ୍ୟାନ୍ୟ କୀଟପତଙ୍ଗଙ୍କ ଆଶ୍ରୟସ୍ଥଳ ହୋଇଥାଏ ।

ବଡବଜାର ଛକରେ ବି ବୃହତ୍ ଦୁର୍ଗାମେଢ ଓ ଆଡମ୍ବର ସହକାରେ ସାଜସଜ୍ଜା ଓ ପୂଜା ହେଉଥାଏ । ଅଲଗା ବା ସାମୟିକ ଭାବରେ ଦୋକାନ ଦେବାପାଇଁ ବାହାରୁ ସେମିତି ନାମକରା ଦୋକାନୀ ଆସୁନଥାନ୍ତି । ଜଳେଶ୍ୱର ସହର, ସେଠାକାର ଦୋକାନ ଓ ଦୋକାନୀମାନେ ତ ଅତି ପରିଚିତ ସାପ୍ତାହିକ ଓ ଦୈନିକ ହାଟ ପାଇଁ । ତେଣୁ, ଜଳେଶ୍ୱର ସହରର ଆଖପାଖ ବା ଦୂରରୁ ଆସୁଥିବା ଲୋକମାନେ ଜଳେଶ୍ୱରରେ ବୁଲିଦେଇ ଓ ଜଳଖିଆଖାଇ ବା ପାନ ଖିଲେ କଳରେ ଜାକି ଚାଲିଚାଲି ଲକ୍ଷ୍ମଣନାଥ ଦୁର୍ଗାପୂଜା ଦେଖିବା ଓ ମେଳାରେ ବୁଲିବା ପାଇଁ ଯାଆନ୍ତି ।

ମୁଁ ଜଳେଶ୍ୱରରେ ଷଷ୍ଠ ଶ୍ରେଣୀରୁ ପଢୁଥିବାରୁ ଜଳେଶ୍ୱର ଦୁର୍ଗାପୂଜା କେତେଥର ଦେଖିଛି । ତେଣୁ ଆଉ ଦେଖିବାପାଇଁ ମୋର ତିଳେବି ଆଗ୍ରହ ନଥାଏ । ବିରିଶପୁର ପାଖରୁ ଯିବା ଆସିବା କରୁଥିବା ଲୋକଙ୍କ ଭିଡ ବଢିଯାଏ । ଭିଡଠେଲି ଆଗକୁ ଯାଇ ମେଳାରେ ପହଞ୍ଚିବାକୁ ହୁଏ । ନିରାପଦ ଜାଗାରେ ବା ଭଡାଦେଇ ଷ୍ଟେଣ୍ଡରେ ସାଇକେଲ ରଖିବା ଦରକାର । ତାପରେ ଲୋକେ ମେଳାରେ ବୁଲାବୁଲି କରନ୍ତି ।

ବେଶି ଭିଡହୁଏ ଗହଣା ଦୋକନ, ବାସନ ଦୋକାନ, ନଡିଆ ଦୋକାନ ଏବଂ ସପମସିଣା ଦୋକାନ ମାନଙ୍କରେ । ଅନେକ ନିଜନିଜର ଝିଅ ବାହାଘର ପାଇଁ ସେତେବେଳେ ଏଇ ମେଳାରୁ ଆବଶ୍ୟକ ଜିନିଷମାନ କିଣୁଥିଲେ ।

ଝିଅମାନେ ଦୂର ଗାଁରୁ ଆସିଥିବା ନିଜନିଜର ସାଙ୍ଗସାଥୀ, ସଙ୍ଗାତ, ବଉଳ ଏବଂ/ ବା ମିତ ମାନଙ୍କ ସହିତ ସାକ୍ଷାତହେଲେ ସେଇ ମେଳାରେ ଗପର ପସରା ମେଲିଦିଅନ୍ତି । କିଏ ଜାଣେ ଆଗାମୀ ବର୍ଷ ସେମାନେ ଆସିପାରିବେକି ନାହିଁ । କାହାରି କାହାରି ବାହାଘର ବି ହୋଇଯାଇପାରେ । (ସେତେବେଳେ ଅତି କମ୍ ବୟସରେ ଝିଅମାନଙ୍କର ବାହାଘର ହେଉଥିଲା ।)

ପୁଅମାନେବି ନିଜନିଜର ସାଥୀମାନଙ୍କ ସହିତ ଦେଖାହେଲେ ସୁଖଦୁଃଖ ହୁଅନ୍ତି । ନିଜନିଜର ପାଠପଢାକଥା ଓ ବୟସ୍କମାନେ ଚାଷବାସ,ବନ୍ୟାର କ୍ଷୟକ୍ଷତି ଓ ପୁଅଝିଅଙ୍କ ଭବିଷ୍ୟତ କଥା ଚିହ୍ନାପରିଚିତ ଓ ବନ୍ଧୁମାନଙ୍କ ସହିତ ଆଲୋଚନା କରନ୍ତି ।

ସବୁଠୁ ଆଶ୍ଚର୍ଯ୍ୟ ଲାଗେ ଜମିଦାରଙ୍କ ଉଆସ । ତାର ବିଶାଳତା ଓ ଅଗଣିତ କୋଠରୀ ଦେଖି ସେତେବେଳେ ଜଣେ ମୁଗ୍ଧ ଦୃଷ୍ଟିରେ ଅନେଇ ରହୁଥାଏ । ତେବେ ତା' ଭିତରେ ବୁଲିବାପାଇଁ କିଛି କଟକଣା ନଥାଏ ।

ଫେରିବାବେଳ ହେଲେ ଜିନିଷପତ୍ର କିଣି, ଦୋକାନରେ ଜଳଖିଆ ଖାଇ ଓ ମିଠେଇ କିଣି ଘରକୁ ବାହୁଡି ଆସୁ ।

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ଗୋଟେ ଭିନ୍ନ ସ୍ୱାଦର୍ ଗପ

କାକର ଝରିବାର ଶବ୍ଦ

ଶ୍ରୀନିବାସ ସେଠୀ



ରାଧାଷ୍ଟମୀ ଆଜି । ବୋଉ ବଡ ବ୍ୟସ୍ତ । ନିଜେ ଉପବାସ ରହି ସମସ୍ତଙ୍କ ପାଇଁ କେତେ ପ୍ରକାରର ଭଲ ଭଲ ଖାଇବା ପ୍ରସ୍ତୁତିରେ ଲାଗିଛି । ଏତେ ବ୍ୟସ୍ତ ଥାଇବି ଭାଉ ଦାଣ୍ଡ ତାଟି ପାଖରେ ମଝିରେ ଆସି ଛିଡ଼ା ହୋଇ କାହାକୁ ଖୋଜୁଛି ।? ତିନି ଚାରି ଥର ଖୋଜି ଖୋଜି ଫେରି ଆସିଲାଣି । ବଡ ଅସ୍ତବ୍ୟସ୍ତ ଲାଗୁଛି ।

ମୁଁ ପଚାରିଲି, - ' କାହାକୁ ଏତେ ବିକଳ ହୋଇ ଖୋଜୁଛୁଲୋ ବୋଉ ?'

ବୋଉ ଭୀଷଣ ଅନ୍ୟମନସ୍କ ଥିଲା । ଅଚାନକ ହଠାତ ମୋ ପ୍ରଶ୍ନରେ କହି ବସିଲା , 'କାହାକୁ ଆଉ ? ଏଇ ଆମ ଓଲିଆ ବଳଦ ନୁଙ୍ଗୁରାକୁ । ସକାଳୁ ପହରୁ ଯାଇଛି ଦେଖା ନାହିଁ ।'

ବୋଉ କିଛି ଲୁଚେଇଲେ ମିଛ କହେ । ତା ମିଛ କହିବା ଭଙ୍ଗିଟି ସତ ଠାରୁ ମଧ୍ୟ ସଫା ଦିଶେ । ସେ ଯେ କାହା ବାଟ ଚାହିଁ ବସିଛି , କହୁନି । ବୋଉ ମନର ଦୁର୍ବଳତା ପ୍ରକାଶ କରିବାକୁ ଚାହେଁନି । ଏଇମିତି ଝରିଆସୁଥବା ଲୁହକୁ ଆଖି କୋଣରେ ଅଟକାଇ ଦିଏ ।

-' ହୁଁ , ଓଲିଆ ନୁଙ୍ଗୁରାକୁ । ସେ ତ ସକାଳୁ ଯାଇଛି, ଫେରିବ ସଂଜ ବେଳକୁ । ମୁଁ କ'ଣ ଜାଣିନାହିଁ ?'

- 'ଚୁପ୍ କର ! ତୋତେ ସବୁ ଜଣା ।'

ମୁଁ ସାହିତ୍ୟ ବହିଟି ଧରି ସପ ନେଇ ଢିଙ୍କି ଶାଳକୁ ଚାଲିଗଲି ପଢିବାକୁ । ସେଇଠୁ ପରିଷ୍କାର ଦିଶେ ଦାଣ୍ଡ ରାସ୍ତା ଗାଁ ମୁଣ୍ଡ ପୋଖରୀ ଘାଟ ଯାଏ । ମୁଁ ଚାହିଁ ରହିଥାଏ, ଗାଁ ମୁଣ୍ଡକୁ । ପ୍ରକୃତରେ ମୁଁ ମଧ୍ୟ ଖୋଜୁଥାଏ କାହାକୁ ।

ଦେଖିଲି ଗୋଟିଏ ଚତରା ଗଉଣିକିଆ ପାଛିଆ ମୁଣ୍ଡରେ ବସାଇ ଧୋତି ପିନ୍ଧା ବୁଢ଼ାଟିଏ ଆସୁଛି । ଧଳା ଫର ଫର କେଶ । ପାଦରେ ଚପଲ । ଦାଣ୍ଡ ଧୂଳିରେ ପାଦ ସର ସର । ଧୀରେ ଧୀରେ ଆସୁଛନ୍ତି । ପୋଖରୀ ଘାଟରୁ ଯେମିତି ରାସ୍ତା ସିଧା ପଡ଼ିଛି ଆମ ଘର ଯାଏ ।

ହେଇତ ମୋ ଅଜା ଆସିଗଲେଣି ।
ମୁଁ ଦଉଡ଼ିଲି ବୋଉ ପାଖକୁ ।
- ବୋଉଲୋ ! ଆସିଗଲେ ।
- କିଏ ?
- ସେଇ, ତୁ ଯାହାଙ୍କୁ ଖୋଜୁଥିଲୁ ।

ବୋଉ ଛାନିଆ ହୋଇ ଚାପା କଳରୁ ବାଲତିରେ ପାଣି ଭରୁ ଭରୁ କହିଲା,- ' ହଉ, ଯା , ଭିତରୁ ସଫା ଗାମୁଛା ଖଣ୍ଡେ ନେଇ ଆ । ଧୂଳି ହୋଇଯାଇ ଥିବ ପାଦ । ଦେହରୁ ଝାଳ ବୋହିଆସୁଥିବ ପାଦ ରାସ୍ତା ଚାଲି ଚାଲି ।'

ବୋଉ ନଦେଖି ଜାଣି ପାରୁଛି ଧୂଳିଆ ପାଦକୁ । ନ ଦେଖି ଦେଖି ପାରୁଛି ଦେହରୁ ବୋହି ଯାଉଥିବା ଝାଳକୁ ।

ମୁଁ ଗାମୁଛା ଖୋଜି ଆଣୁ ଆଣୁ ବୋଉ ନଇଁ ପଡ଼ି ପାଣି ଢ଼ାଳି ପୋଛି ଦେଲାଣି ଅଜାଙ୍କ ପାଦ ନିଜ ଶାଢି କାନିରେ । ରାଗିକି ବି କହୁଛି, 'କିଏ କହୁଥିଲା ଏଇମିତି ଏତେ ବାଟ ଚାଲି ଚାଲି ଆସିବାକୁ ? ମୋର କ'ଣ ହେବ, ଏ ବୁଢା କାକୁଡି ? ଛୋଟ ନଡ଼ିଆ । ପଚା ଶାଢି । କାଲି କହିଥିଲି ଆସିବାକୁ । ଦିନ ବାରଟାରେ ପହଂଚୁଛ । କେତେବେଳେ ମନ୍ଦିର ଯିବି । କିଛି ତ ଏ ସବୁ ଦରକାର ନଥିଲା ମୋ'ର ।'

ମୁଁ ଦେଖିଲି ନଡ଼ିଆ ତ ବହୁତ ବଡ । ବାଡିଆ କାକୁଡି ଲମ୍ବା ଓ କଷି କଷି । କଦଳୀ, ନଡ଼ିଆ, ଆଉ କେତେ ପ୍ରକାରର ଫଳ ସଜା ହୋଇ ରହିଛି । ଗୋଲାପି ଶାଢିଟି କେତେ ସୁନ୍ଦର । ତଥାପି ବୋଉ ରାଗିମାଗି କହି ଚାଲିଛି ।

ମୁଁ ଆଶ୍ଚର୍ଯ୍ୟ ହୋଇ ଅନେଇଲି ବୋଉକୁ । ବୁଢା ଅଜା ମୋ'ର । କେତେ ବାଟରୁ ଚାଲି ଚାଲି ଆସିଛନ୍ତି ମଥାରେ ବ୍ରହ୍ମାଣ୍ଡ ବୋହି । ପାଚିଲା ଫଳ ସବୁ ଝୁଲାରେ ଯାକିଯିବ ବୋଲି ପାଛିଆରେ ରଖି ଆଣିଛନ୍ତି । ପାଛିଆ ତଳରେ କଦଳୀପତ୍ର ବିଛା ହୋଇଛି ଯେମିତି ତାଜା ଫଳରେ ଦାଗ ନଲାଗିବ । ମାମୁଁ ଯେତେ ବୁଝାଇଲେବି ସେ ବ୍ୟାଗରେ ନ ଆଣି ଫେରିବାଲା ପରି ମୁଣ୍ଡରେ ବସାଇ ଚାଲିଥାନ୍ତି । ପ୍ରତ୍ୟେକ ବର୍ଷ ସେଇମିତି ଆସନ୍ତି । ଆମ ଗାଁ ଲୋକ ସମସ୍ତେ ତାଙ୍କୁ ଚିହ୍ନି ରଖିଛନ୍ତି । ଅଥଚ ପହଂଚିଲା କ୍ଷଣି କେତେ ରୁକ୍ଷ ହୋଇ ବୋଉ କହୁଛି ।

ମୁଁ ବୋଉ ଉପରେ ରାଗି କହିଲି

- 'ଚୁପ୍ କରିଲୁ ବୋଉ ! ବେଳେବେଳେ ତୋର କ'ଣ ହୁଏ ଯେ । ଅଜା ଆସି ନଥିଲା ବେଳେ କେତେ ଥର ଦାଣ୍ଡ ତାଟି ପାଖରେ ରାସ୍ତା ଉପରେ ଆଖି ବିଛାଇ ଖୋଜି ଖୋଜି ଫେରୁଥିଲୁ । ବ୍ୟସ୍ତ ହେଉଥିଲୁ । ଏବେ ଆସିଗଲେ ତ କହୁଛୁ କାହିଁକି ଆସିଲ ?'

ଅଜା କହିଲେ, 'ହଁ, ତୋ ସାନ ମାଇଁ ଠିକ୍ କହୁଥିଲାରେ ବାବୁନା । ବାବୁନା ଏବେ ବଡ ହୋଇ ଯିବଣି । ତୁ ଏବେ ସତକୁ ସତ ବଡ ହୋଇ ଗଲୁଣି ।'

ଅଜା କେଉଁଥିପାଇଁ ଏ କଥା କହିଲେ ବୁଝି ନପାରି ବଡ ହୋଇଛି କି ନାହିଁ ଦେଖିବାକୁ ମୁଁ ନିଜକୁ ଅନେଇଲି ।

ପରେ ଭାବିଲି, ଝିଅ ଓ ବାପାର ଆନ୍ତରିକତାର ରହସ୍ୟ ଭିତରକୁ ପଶିବା ଏତେ ସହଜ ନୁହେଁ । ମୁଁ ଅଜାର ପାନ ବଟୁଆଟିକୁ ଛଡେଇ ନେଲି । ଅଜା ଚକ୍‌ଚକ୍ ଜରିରେ ଗୁଡାହୋଇଥିବା କୁକି ଚକୋଲେଟ ତା ଭିତରେ ରଖିଥିଲେ ।

- ' ହୁଁ , ମୁଁ ଭାବୁଥିଲି ମୋ ଚକୋଲେଟ୍ କାହିଁ ? ମୋ ସବୁ ଚକୋଲେଟ ତେବେ ଏଇ ପାନବଟୁଆ ଭିତରେ ।' ଚକୋଲେଟ ହାତରେ ନେଇ ଖାଲି ପାନ ବଟୁଆ ବୋଉକୁ ଦେଇଦେଲି ।

ବୋଉ ରଖିଥିଲା, ବଡି ଚୁରା ସହ ପିଆଜ କଟା ଅଳ୍ପ ତେଲ ମିଶାଇ, ପିତାଘମା ଶାଗର ପତ୍ରପୋଡା ପଡୁଆ, କୋଶଳା ଶାଗ ଆଳୁ ବାଇଗଣ ଓ ବଡ଼ି ଦେଇ ମେଞ୍ଚି ମେଞ୍ଚି, ବାଇଗଣ ଭଜା, ଗୁଣ୍ଡି ପିଆଜ ଓ ସଜ ପଖାଳ ।

ଏ ସବୁ ଅଜାଙ୍କ ପ୍ରିୟ ।

ଅଜା ନ କହିବା ପୂର୍ବରୁ ମୁଁ ହାତ ଧୋଇ ଆସିଗଲି । ପଖାଳ କଂସାରେ ଅଜାଙ୍କ ସହ ହାତ ବୁଡାଇ ବସିଗଲି ।

- ଏଇ ଅଜା । ଗୋଟିଏ କଥା ପଚାରିବି ? ବୋଉ କଥା ଶୁଣି ମନ ଖରାପ କରିନ ତ ?

- ଆରେ ! ତୋ ବୋଉ ମୋତେ କିଛି ନ କହିଲେ ମୋତେ ବଡ ଚିନ୍ତା ହୁଏ । ଭ୍ରମରେ ପଡେ, ଏ ବାୟାଣୀ ଏତେ ବଦଳି ଗଲା, ମୋ ଝିଅ ପରି ଲାଗୁନି । ତା ରାଗ କୁଆଡେ ଗଲା ? ତା ଜିଦି କୁଆଡେ ଗଲା । ସେ ରାଗିଥିଲେ, ଭଲ ଜିନିଷରେ ବି ଖୁଣ କାଢେ । ତୁ ବୁଝି ପାରିନୁ କାହିଁକି ରାଗିଛି ? ସେ ଚାହୁଁଥିଲା ମୁଁ ଗତ କାଲି ଆସିବାକୁ । ତା ମନେ ମନେ କେତେ ଯୋଜନା କରିଥିବ । କେତେ କ'ଣ ସଜାଇ ରଖିଥିବ ଖାଇବାକୁ । କେତେ କଥା ମନେ ପକାଇ ରଖିଥିବ ପଚାରିବାକୁ । ମୁଁ କିନ୍ତୁ ଆସି ପାରିଲି ନାଇଁ ।'

ବୋଉ ସତରେ ଦିନ ସାରା ଖୁସି ରହୁଥିଲା । ଅଜାଙ୍କ ପାନ ବଟୁଆରେ ସଜାଇ ଦେଉଥିଲା ଧାଡ଼ି ଧାଡ଼ି ପାନ ଆଉ କହୁଥିଲା - 'କେତେ ଥର କହିଲିଣି, ବୟସ ହେଲାଣି , ପାନଟା ଟିକିଏ କମ୍ କରିଦିଅ । କିଏ ଶୁଣିବ ମୋ କଥା ?'

ରାତିରେ ଅଜାଙ୍କ ପାଖରେ ମୁଁ ଶୋଇ ପଡ଼ିଲି ତାଙ୍କ ଗଳାରେ ହାତ ଛନ୍ଦି । ମୋ ଉଷୁମ ପାପୁଲିକୁ ନେଇ ସେ ତାଙ୍କ ଗାଲ ପାଖରେ ରଖିଲେ ।

ବୋଉ ସବୁ କାମ ସାରି ଅଜାଙ୍କ ପାଖକୁ ତେଲ ଗିନା ନେଇ ଆସିଲା । ଅଜା କହିଲେ,

- 'ଆହାଃ , ଝିଅ ମୋର, ଏଇ ହାତରେ ତୋ କଅଁଳ ପାପୁଲିକୁ ଧରି କେତେ ଖେଳାଇଛି । ତୋ କୁନି କୁନି ପାଦକୁ ମୋ ପାପୁଲିରେ ଉଠାଇ କାନ୍ଧରେ ବସାଇଛି । ଥାଉ ଝିଅ । ଆଉ ସେ ହାତରେ ମୋ ପାଦ ଛୁଇଁ ମାଲିସ କରିଦେଲେ କଷ୍ଟ ଲାଗୁଛି ।'

- 'ଶୁଖିଲା ହୁଡାର ଟାଙ୍ଗରା ରାସ୍ତା ।କଷ୍ଟ ହୋଇ ଥିବ ପାଦକୁ କେତେ । କେତେ ଦୂର ଚାଲି ଚାଲି ଆସିଛ ।'

- 'କେତେ ଦୂର ଆଉ ? ମୋ ଝିଅ ଘରକୁ ରାସ୍ତା ତ ଘଡିକର ।

ଝିଅ ଘରକୁ ରାସ୍ତା କେତେ ସୁନ୍ଦର । କିଏ ସଜେଇ ରଖିଥାଏ ବାଟସାରା ସୁଲୁସୁଲିଆ ପବନରେ । କେତେ ପୁରୁଣା ସ୍ମୃତି ! ଏଇ କାଲି ଫେରି ଯିବି ତ, ଘରେ ପହଂଚି ପୁଣି ମନ କହିବ, କେତେ ଦିନରୁ ଯାଇ ନାହିଁ ମୋ ଝିଅ ଘର ।'

- 'ଜାଣିଛି ଭାଇମାନଙ୍କ ପାଖରେ ସମୟ ନାହିଁ କି ମନ ନାହିଁ । ସେମାନେ ଆସିବେ ନାହିଁ । ସବୁ ବେଳେ କୁହନ୍ତି , 'କାହିଁକି ଯାଉଛ ଏତେ ଦୂର ! ପଇସା ପଠାଇ ଦେଉନ । ନାନୀ କିଣି ପକାଇବ ।' ତୁମେ ତ ଶୁଣନା । କୁହ, 'ପଇସା ପଠାଇଦେଲେ ଏ ବୁଢା ବାପାର ଆଖି କ'ଣ ଦେଖି ପାରିବ ମୋ ଝିଅକୁ ? ଏତେ ଦୂର ମୁଣ୍ଡରେ ଓଜନ ବୋହି କାହିଁକି ଚାଲିଥ

ନଗରପାଳଙ୍କ ନେତୃତ୍ୱରେ ଅକ୍ଷତ ବିତରଣ ଅଭିଯାନ

ଉଦଳା , ୩୦/୧୨ (ନି.ପ୍ର): ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ନେଇ ବିଶ୍ୱ ହିନ୍ଦୁ ପରିଷଦ, ଉଦଳା ଶାଖା ତରଫରୁ ନିମନ୍ତ୍ରଣ ଓ ଅକ୍ଷତ ବିତରଣ ଅଭିଯାନ ଆରମ୍ଭ ହୋଇଛି । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଏହାର ନେତୃତ୍ୱ ନେଇଥିବା ବେଳେ ପ୍ରାନ୍ତ ଧର୍ମ ପ୍ରସାର ବିଭାଗର ସମ୍ପାଦକ ହରିହର ତ୍ରିପାଠୀ, ଜିଲ୍ଲା ସଂଯୋଜକ ଡ଼ା.ଖଗେଶ୍ୱର ସିଂହ, ନାରାୟଣ ପୁଷ୍ଟି, ସୁଶାନ୍ତ ବାରିକ, ଅଂଶୁମାନ ପ୍ରଧାନ, ଦେବିଶଙ୍କର କର, ଅବିନାଶ ସାହା, ସିତାକାନ୍ତ ମହାପାତ୍ର, ମୁକ୍ତିକାନ୍ତ ନାୟକ ପ୍ରମୁଖ ସହଯୋଗ କରୁଛନ୍ତି । ଏହି ଅବସରରେ ସ୍ଥାନୀୟ ଅଷ୍ଟଶମ୍ଭୁ ମନ୍ଦିରରୁ ଏକ କଳସ ଶୋଭାଯାତ୍ରା ବାହାରି ମୁଖ୍ୟ ବଜାର ପରିକ୍ରମା କରିଥିଲା । ଭଜନ କିର୍ତନ, ଜୟ ଶ୍ରୀ ରାମ ଧ୍ୱନି ସହିତ ବେଦମନ୍ତ୍ରର ଉଚାରଣରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା ।

ଡଃ ନୃସିଂହାନନ୍ଦ ମହାପାତ୍ରଙ୍କୁ ମୁମ୍ବାଇରେ ସନ୍ମାନ ରବି ଦାସ ଜାତୀୟ ସମ୍ମାନ

କନ୍ଧମାଳ, ୩୦/୧୨ (ନି.ପ୍ର): କନ୍ଧମାଳର ବରିଷ୍ଠ କବି, ସାହିତ୍ୟିକ ଓ ଶିକ୍ଷାବିତ୍ ଡଃ. ନୃସିଂହାନନ୍ଦ ମହାପାତ୍ର ଜାତୀୟ ସମତା ସାହିତ୍ୟ ଏକାଡ଼େମୀ ମହାରାଷ୍ଟ୍ରର (ମୁମ୍ବାଇ) ସ୍ଥିତ ଶ୍ରୀଲୋକାର ସ୍ମାରକ ମନ୍ଦିର ହଲ ଠାରେ ଜାତୀୟ ସମ୍ମାନ ସହିତ ମାନପତ୍ର ଉପଢୌକନ ଓ ନଗଦ ପୁରସ୍କାର ୧୦ ହଜାର ଟଙ୍କା ଗ୍ରହଣ କରିଛନ୍ତି । ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧୁସନ୍ଥମାନଙ୍କର ସମାଗମ ହୋଇଥିଲା । ଏହି ପୁରସ୍କାର ବିତରଣୀ ଉତ୍ସବରେ ମହାରାଷ୍ଟ୍ର ସରକାରଙ୍କ ମୂଖ୍ୟ ଶାସନ ସଚିବ ଓ ଉର୍ଜା ମନ୍ତ୍ରୀ ଓ ବହୁ ସିନେମା ତାରକା ମାନେ ଉପସ୍ଥିତ ଥିଲେ । ତାଙ୍କର ଏହି ସଫଳତା ପାଇଁ ସମସ୍ତ ଅତିଥି ବୃନ୍ଦ ଶୁଭକାମନା ଜଣାଇଛନ୍ତି । ଏତଦ୍ ବ୍ୟତିତ ଡଃ ମହାପାତ୍ରଙ୍କ ଲିଖିତ ୩୨ ଖଣ୍ଡ ଆଧ୍ୟାତ୍ମିକ ପୁସ୍ତକ ଓଡ଼ିଆ ସାହିତ୍ୟ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଅଛି । ତାଙ୍କର ଏହି କୃତି ଓ କୃତିତ୍ୱ ପାଇଁ ସେ ବହୁବାର ଜାତୀୟ ଓ ଆର୍ନ୍ତଜାତୀୟ ଓ ରାଜ୍ୟସ୍ତରୀୟ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ କନ୍ଧମାଳର ବୁଦ୍ଧିଜୀବିମାନେ ତାଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ଜ୍ଞାପନ କରିଛନ୍ତି ।

ସ୍ନାତକ ମହାବିଦ୍ୟାଳୟରେ 'ନୂଆ – ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

କଟକ , ୩୦/୧୨ (ନି.ପ୍ର): କଟକ ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟରେ ' ନୂଆ -ଓ ' (ଯୁବ ଓଡ଼ିଶା ନବୀନ ଓଡ଼ିଶା) ଉଦ୍‌ଯାପିତ ସମାରୋହ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲୋକପ୍ରିୟ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗ ଦେଇ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ଦକ୍ଷତାକୁ ଭୂରି ଭୂରି ପ୍ରଶଂସା କରିବା ସହ ମହାବିଦ୍ୟାଳୟକୁ ସରକାରୀ ମହାବିଦ୍ୟାଳୟ ଭାବେ ରାଜ୍ୟ ସରକାର ହାତକୁ ନେବାକୁ ରହିଥିବା ଦାବି ପତ୍ରକୁ ସରକାରଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମହାବିଦ୍ୟାଳୟର ପୂର୍ବତନ ସଭାପତି ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ସାହୁ , ବର୍ତ୍ତମାନର ସଭାପତି ଡକ୍ଟର ସୌଦାମିନୀ ରାୟ , ମହାନଦୀ ବିହାର ଉନ୍ନୟନ କମିଟିର ସଭାପତି ଶ୍ରୀଯୁକ୍ତ ରବିନ୍ଦ୍ର ପ୍ରସାଦ ତ୍ରିପାଠୀ , ମୋ କଲେଜ ଅଭିଯାନର ଉପଦେଷ୍ଟା ଇଂଜିନିୟର ଗୋପାଳ କୃଷ୍ଣ ବେହେରା , ଶ୍ରୀଯୁକ୍ତ ନିର୍ମେଳେନ୍ଦୁ ଗୁପ୍ତା , କର୍ପୋରେଟର ଇଂଜିନିୟର ସୁବ୍ରତ ଘଡ଼େଇ , ସମାଜ ସେବୀ ସୁଧାଂଶୁ ଷଡଙ୍ଗୀ , ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା ଓ ଯୁକ୍ତ ଦୁଇ ସେକେଣ୍ଡାରୀ ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ମିତା ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କ ପ୍ରତିଭା ଓ ବୌଦ୍ଧିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଏହି ଅବସରରେ ସ୍ନାତକ ମହାବିଦ୍ୟାଳୟର ସ୍ୱତନ୍ତ୍ର ' ଲୋଗୋ ' ବିଦ୍ଧିବଦ୍ଧ ଭାବରେ ଉନ୍ମୋଚିତ କରାଯାଇଛି । ଦୀର୍ଘ ଏକ ମାସ ଧରି ବିଭିନ୍ନ କାର୍ଯ୍ୟକୁ ସୁଚାରୁରୂପେ ସଂପାଦନ କରିଥିବା ନୋଡାଲ ଅଫିସର ଅଧ୍ୟାପିକା ସୁଶ୍ରୀ ନିରୁପମା ପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ବିଜୟୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷା ଡକ୍ଟର ସାବିତ୍ରୀ ଶାସ୍ତ୍ରୀ ତଥା ଶ୍ରୀମତୀ ଜୟଶ୍ରୀ ମହାନ୍ତି ଯୋଗ ଦେଇଥିବା ବେଳେ ଅବସର ନେଇଥିବା ଅଧ୍ୟାପିକା ଶ୍ରୀମତୀ ସୌଦାମିନୀ ଦାସ , ଅଧ୍ୟାପିକ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ରଥ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପିକା ପ୍ରଣୟ ମଞ୍ଜରୀ ମହାନ୍ତି , ଅଧ୍ୟାପିକା କସ୍ତୁରୀ ବେହେରା , ଅଧ୍ୟାପିକା ମଞ୍ଜୁଲତା ମହାରଣା , ଅଧ୍ୟାପିକା ବିଷ୍ଣୁପ୍ରିୟା ସାହୁ , ଡକ୍ଟର ଅଞ୍ଜଳିବାଳା ଦାସ , ଡକ୍ଟର ଦେବୀପ୍ରସାଦ ସେନାପତି , ଶୁଭସ୍ମିତା ସାହୁ , ଅମୁଲ୍ୟ, ମଧୁସ୍ମିତା , ଚିନୁ , ଗୀତୁ ପ୍ରଭୃତି ସହଯୋଗ କରିଥିଲେ । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବଲାଣି ଖଣି କଲୋନୀରେ ଅଗ୍ନିକାଣ୍ଡ: ଅଳ୍ପକେ ବର୍ତ୍ତିଲେ ପରିବାର

ବଲାଣି, ୩୦/୧୨ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅନ୍ତର୍ଗତ ଓଡିଶା ଖଣି ସମୂହର ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ବଲାଣି ଲୌହ ଖଣିର କଲୋନୀ ଅଂଚଳରେ ଗତ ରାତିରେ ଅଗ୍ନିକାଣ୍ଡ ଘଟିଯାଇଛି । ଏହି ଅଗ୍ନିକାଣ୍ଡ ସମୟରେ ଉକ୍ତ ଘରେ ପୁରା ପରିବାର ଉପସ୍ଥିତ ଥିବା ବେଳେ ଅଳ୍ପକେ ଏହି ପରିବାର ବର୍ତି ଯାଇଛନ୍ତି । ତେବେ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ସୂଚନା ରହିଛି ।

ସୂଚନାନୁସାରେ ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ବଲାଣି ଖଣି କଲୋନୀର 'ବି- ଟାଇପ' କ୍ୱାଟର୍ସ ର କ୍ୱାଟର୍ସ ସଂଖ୍ୟା ୬୦ ରେ ହଠାତ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡ ଏତେ ବ୍ୟାପକ ଥିଲା ଯେ ନିଆଁ ଶିଖା ୨୦-୩୦ ଫୁଟ ଉପର ପର୍ଯ୍ୟନ୍ତ ପରିଲିକ୍ଷିତ ହୋଇଥିଲା ଏବଂ ପାଖ କ୍ୱାଟର୍ସ କୁ ନିଆଁ ମାଡିଯିବାର ଆଶଙ୍କା ସୃଷ୍ଟି ହୋଇଥିଲା । ତେବେ ପାଖ ପଡୋଶୀ ଓ ସ୍ଥାନୀୟ ଲୋକେ ଖବର ପାଇ ତତ୍ପରତା ପ୍ରକାଶ କରି ପ୍ରାୟ ୨୦-୩୦ ସ୍ଥାନୀୟ ଯୁବକ ମିଶି ନିଆଁକୁ ଆୟତ କରିଥିଲେ । ଏ ନେଇ ବଡ଼ବିଲ ଅଗ୍ନିଶମ ବିଭାଗ ଖବର ପାଇ ଚାମୁ ମିଞ୍ଜଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଂଚି ନିଆଁକୁ ସମ୍ପୂର୍ଣ୍ଣ ଭାବରେ ଆୟତ କରିଥିଲେ । ତେବେ ନିଆଁ ସମ୍ପୂର୍ଣ୍ଣ ଲିଭି ଯାଇଥିଲେ ହେଁ ଶନିବାର ଭୋର ସମୟରେ ପୁନଃ ଉକ୍ତ ଘରେ ଅଗ୍ନିଶିଖା ଦେଖାଯାଇଥିଲା । ପାଖ ପଡୋଶୀ ଯୁବକ ଉକ୍ତ ନିଆଁକୁ ପୁଣି ଲିଭାଇ ଦେଇଥିଲେ । ତେବେ ଅଗ୍ନିକାଣ୍ଡ କେଉଁ କାରଣରୁ ଘଟିଲା ସେ ନେଇ ବର୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବିଭାଗ ଏ ନେଇ ତଦନ୍ତ ଜାରି ରଖିଛି ।

ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ବିଜ୍ଞାପନ

ଏତଦ୍ୱାରା ଛତ୍ରପୁର ରଜସ୍ୱ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ,

୧) ଚଳିତ ଖରିଫ ୨୦୨୩-୨୪ ନିମନ୍ତେ, ଓଡିଶା ସରକାର ଓ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ପ୍ରାଥମିକ କୃଷି ସେବା ସମବାୟ ସମିତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗୋଟି ପାଣି ପଞ୍ଚାୟତ ମାଧ୍ୟମରେ ଜିଲ୍ଲା ଯୋଗାଣ ନିଗମ ଦ୍ୱାରା **FAQ** ମାନର ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।

୨)ଚାଷୀ ଭାଇ ଭଉଣୀ ମାନେ ସେମାନଙ୍କର ବଳକା ଧାନକୁ ଶୁଖାଇ, ସଫା ସୁତୁରା କରି ଧାନ କ୍ରୟ କେନ୍ଦ୍ରକୁ ଆଣିବେ ।

୩)ପୂର୍ବରୁ ପଞ୍ଜିକୃତ ଚାଷୀ ଭାଇ ଓ ଭଉଣୀ ମାନେ ସେମାନଙ୍କର ବଳକା ଧାନ ବିକ୍ରୟ କରିବାକୁ ସୁଯୋଗ ପାଇପାରିବେ ।

୪)ଚଳିତ ଖରିଫ ଧାନ (**K.M.S.** ୨୦୨୩-୨୪) ବିକ୍ରି ସମ୍ବନ୍ଧୀୟ ତଥ୍ୟ **IVRS** – ମାଧ୍ୟମରେ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଚାଷୀ ଭାଇମାନେ ପଞ୍ଜିକୃତ ମୋବଇଲରୁ '୧୯୬୭' ନମ୍ବର କୁ କଲ କରି ସବିଶେଷ ତଥ୍ୟ ପାଇପାରିବେ ।

୫)**P-PAS** ବ୍ୟବସ୍ଥା ମାଧ୍ୟମରେ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରାଯିବା ସହ ଧାନ ବିକ୍ରୟ ମୂଲ୍ୟ ଚାଷୀଙ୍କ ଜମା ଖାତାକୁ ଅନଲାଇନ ମାଧ୍ୟମରେ ପୈଠ କରାଯିବାର ବ୍ୟବସ୍ଥା କରାଯାଇଛି ।

୬)ଚଳିତ ଖରିଫ ୨୦୨୩-୨୪ ବର୍ଷ ନିମନ୍ତେ ସରକାରଙ୍କ ଦ୍ୱାରା ଧାନର ନିର୍ଦ୍ଧାରିତ **FAQ** ମାନ ଓ ଦର ।

କ୍ର.ନଂ	ଧାନରେ ମିଶ୍ରିତ ବାହ୍ୟ ପଦାର୍ଥ	**FAQ** ମାନ	**FAQ** ମାନ ଧାନର ଦର		
୧.	ବାଲି, ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ	୧%	ଧାନର କିସମ	କ୍ୱିଣ୍ଟାଲ ପ୍ରତି ଦର	୭୫କେଜି ପ୍ରତି ଦର
୨.	କାଠି, କୁଟା, ଅଗାଡି ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ	୧%	ସାଧାରଣ ଧାନ (**FAQ** ମାନ)	ଟ. ୨,୧୮୩.୦୦	ଟ.୧୬୩୭.୨୫
୩.	ଖରାପ, ବେରଙ୍ଗ, ପାଣିଫୁଲା ବା ପୋକ ଇତ୍ୟାଦି (ଖରାପ, ପାଣିଫୁଲା ଓ ପୋକ ମିଶି ୪% ରୁ ଅଧିକ ହେବ ନାହିଁ)	୫%			
୪.	ଅପରିପକ୍ୱ, ସବୁଜ, ବଙ୍କା ବା ସଙ୍କୁଚିତ ଧାନ	୩%			
୫.	ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ ଏ ଧାନ ନିମନ୍ତେ)	୬%	ଗ୍ରେଡ଼ 'ଏ' ଧାନ (**FAQ** ମାନ)	ଟ. ୨,୨୦୩.୦୦	ଟ୧୬୫୨.୨୫
୬.	ଆଦ୍ରତା ବା ଜଳୀୟ ଅଂଶ	୧୭ %			

'ସଫା,ଶୁଖୁଲା,ସମରଙ୍ଗୀ ଓ ସମଆକାରର ଧାନ ଆଣନ୍ତୁ,ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ପାଆନ୍ତୁ ।'

ସ୍ୱା/-
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ସ୍ୱା/-
ଉପ-ଜିଲ୍ଲାପାଳ, ଛତ୍ରପୁର -ତଥା -ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ମେଧା ଛାତ୍ରୀ ଶ୍ୱେତାମ୍ବରିଙ୍କ କୃତିତ୍ୱ, ଶିକ୍ଷକ ଓ ଅଭିଭାବକ ମହଲରେ ଖୁସି

ସୋନପୁର, ୩୦/୧୨ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ଶାଖା ସୁବର୍ଣ୍ଣପୁର ପକ୍ଷରୁ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଶ୍ୱେତାମ୍ବରି ପ୍ରଥମ ସ୍ଥାନରେ କୃତିତ୍ୱ ହାସଲ କରି ମୁଖ୍ୟ ଅତିଥି ସୁବର୍ଣ୍ଣପୁର ଆସିଷ୍ଟାଂଟ କଲେକ୍ଟର ଜ୍ୟୋତିର୍ମୟୀ ମଲ୍ଲିକଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି । ସେହିପରି ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ମୃତିକା ଦିବସ ଅବସରରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲାଙ୍କ ଠାରୁ ପୁରସ୍କୃତ ହୋଇ କେନ୍ଦ୍ରୀୟ ବିଦ୍ୟାଳୟ ତଥା ସମଗ୍ର ଜିଲ୍ଲାର ଗୌରବ ବଢାଇଛନ୍ତି । କ୍ଲାସ ସେଭେନ୍ରୁ ଛାତ୍ରୀ ଶ୍ୱେତାମ୍ବରି ପାଣିଗ୍ରାହିଙ୍କ ଏହି ସଫଳତାରେ ସ୍କୁଲ୍ ଛାତ୍ରୀ, ଶିକ୍ଷକ ଓ ଅଭିଭାବକ ମହଲରୁ ଖୁସି ଓ ଉତ୍ସାହ ବଢ଼ିଛି । ଏବଂ ମେଧାବୀ ତଥା କୃତୀ ଛାତ୍ରୀ ଶ୍ୱେତାମ୍ବରିଙ୍କୁ ଅନେକ ଜାଗାରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

୧୩ ପ୍ରସ୍ତାବକୁ ...

କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ, ଆଗାମୀ ଦିନରେ ଅଧିକ ବସ୍ ଚଳପ୍ରଚଳର ଆବଶ୍ୟକତାକୁ ନଜରରେ ରଖି 'ମୋ ବସ୍' ସଂଖ୍ୟାରେ ବୃଦ୍ଧି କରିବାର ଯୋଜନା ରହିଛି । ସେଥିପାଇଁ ୨୦୦ ଇଲେକ୍ଟ୍ରିକ ବସ୍ ସାମିଲ ପାଇଁ ନିଷ୍ପତ୍ତି ହୋଇଛି । ପୁରୀ,କଟକ, ଭୁବନେଶ୍ୱର ଅଂଚଳରେ କ୍ରୁଟ୍ ପକ୍ଷରୁ ୩୦୫ଟି ଓ ରାଉରକେଲାରେ ମଧ୍ୟ ୧୦୦ଟି 'ମୋ ବସ୍' ଚଳାଚଳ କରୁଛି । ଏବେ ମୋ ବସରେ ଆଉ ୨୦୦ଟି ଇଲେକ୍ଟ୍ରିକ ବସ୍ ଚଳପ୍ରଚଳ ନିମନ୍ତେ ଜେବିଏମ୍ ସଂସ୍ଥାକୁ ୯୦୦.୨୬କୋଟି ଟଙ୍କା ଦେବାକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି । ରାଜ୍ୟ ସରକାରଙ୍କ ନିଜସ୍ୱ ପରିବହନ ସଂସ୍ଥା ଓଏସଆରଟିସି ଥିବା ସତ୍ତ୍ୱେ ରାଜ୍ୟ ସରକାର ସହରାଚଂଳରେ କ୍ରୁଟ୍ 'ମୋ ବସ୍ ' ଏବଂ ଗ୍ରାମାଂଚଳରେ 'ଲକ୍ଷ୍ମୀ' ଯୋଜନାରେ ଘରୋଇ କମ୍ପାନୀକୁ ଟଙ୍କା ଦେଇ ବସ୍ ଚଳପ୍ରଚଳ କରାଉଛନ୍ତି । ସେହିପରି ଯାଜପୁର ଜିଲ୍ଲାର ଟମକା-ମଙ୍ଗଳପୁର ରାସ୍ତାର ପୂର୍ବ ଇପିସି ଟେଣ୍ଡର ଓ ଚୁକ୍ତିନାମାକୁ ରଦ୍ଦ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି । ପୂର୍ତ୍ତ ବିଭାଗର ଏହି ପ୍ରସ୍ତାବିତ ୪ଲେନ୍ ରାସ୍ତାରେ ଜଙ୍ଗଲ ଜମି ଅଧିଗ୍ରହଣର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଉକ୍ତ ଟେଣ୍ଡରକୁ ବାତିଲ କରିଛନ୍ତି । ଟମକା-ମଙ୍ଗଳପୁର ରାସ୍ତାର ୦ରୁ ୪୩କିମି ଉନ୍ନତିକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହେବା ପରେ ଏକକ ପ୍ରକଳ୍ପ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି ।ସର୍ତ୍ତାବଳୀରେ ସଂଶୋଧନ, ଓଡ଼ିଶା ଟ୍ରେଜେରୀ ମିନିଷ୍ଟ୍ରିଆଲ ସର୍ଭିସ ରିକ୍ୟୁଟମେଂଟରେ ସଂଶୋଧନ, ଓଡ଼ିଶା ଫାୟାର ସର୍ଭିସ ଗ୍ରୁପ୍ ସି ନିଯୁକ୍ତି ସର୍ତ୍ତାବଳୀରେ ସଂଶୋଧନକୁ ମଞ୍ଜୁରୀ ମିଳିଛି ।

ବିଳମ୍ବରେ ଅଫିସ ଆସିଲେ...

ଅନ୍ୟାନ୍ୟ ଜରୁରିକାଳୀନ ସମସ୍ୟା ପାଇଁ କେତେକ କ୍ଷେତ୍ରରେ କୋହଳ କରାଯାଇପାରେ । ବିଳମ୍ବରେ ଆସୁଥିବା କର୍ମଚାରୀଙ୍କୁ ତତ୍‌କ୍ଷଣାତ୍ ଛୁଟିରେ ଅଛନ୍ତି ବୋଲି ଘୋଷଣା କରାଯିବ । ଏହା ସହ 'କାମ ନାହିଁ ତ ଦରମା ନାହିଁ' ନୀତି ଲାଗୁ କରାଯିବ । ଏନେଇ ବିଏମ୍‌ସି ପକ୍ଷରୁ ଶୁକ୍ରବାର ଏକ ସ୍ୱତନ୍ତ୍ର ଅର୍ଡର ଜାରି କରାଯାଇ ବିଏମ୍‌ସି କାର୍ଯ୍ୟାଳୟରେ କାମ କରୁଥିବା ସମସ୍ତ କର୍ମଚରୀଙ୍କୁ ଠିକ୍ ସମୟରେ ଅଫିସ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ମହଲାରେ ତଦାରଖ କରିବେ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀ ।

ଚାକିରିକୁ ବର୍ଷେ ...

ଶିରିଷ ଫିଜିବିଲିଟି ସାର୍ଟିଫିକେଟ୍ ପାଇପାରୁନଥିଲେ । ଶିରିଷ ଚନ୍ଦ୍ର ମହାନ୍ତ ଏନେଇ ଟସର ବିଭାଗର କ୍ଷେତ୍ର ସହାୟକ ବିଭୁତି ମଲ୍ଲିକଙ୍କ ଯୋଗାଯୋଗ କରିଥିଲେ । ଏଥିପାଇଁ ସେ ଦେଢ଼ ଲକ୍ଷ ଟଙ୍କା ଦାବି କରିଥିଲେ । ଯେଉଁଥିପାଇଁ ଶିରିଷ ଅସହାୟତା ପ୍ରକାଶ କରିଥିଲେ । ମାତ୍ର ସେ କିଛି ଶୁଣିନଥିଲେ । ବିଭୁତି ମଲ୍ଲିକଙ୍କ କଥାରେ ରାଜି ହୋଇଥିଲେ ଶିରିଷ । ପରେ ସେ ଏନେଇ ବାରିପଦା ଭିଜିଲାନ୍ସ ବିଭାଗ ପାଖରେ ଅଭିଯୋଗ କରିଥିଲେ । ପୂର୍ବ ଯୋଜନା ମୁତାବକ ଆଜି ଶିରିଷ କ୍ଷେତ୍ର ସହାୟକ ବିଭୁତି କୁମାର ମଲ୍ଲିକଙ୍କ ଫିସ୍‌ରେ ପହଞ୍ଚିଥିଲେ । ଡିଲ୍ ମୁତାବକ ଲାଞ୍ଚ ଟଙ୍କା ଦେଉଥିଲେ । ସେହି ସମୟରେ ସେଠାରେ ସାଦା ପୋଷାକରେ ଉପସ୍ଥିତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ । ଏପରିକି ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲେ । ବିଭୁତିଙ୍କ ନାଁରେ ଭିଜିଲାନ୍ସ ମାମଲା ରୁଜୁ କରି ଗିରଫ କରିଛି । ତାଙ୍କ ଭଡ଼ା ଘର ଓ ପୈତୃକ ଘର ଭଦ୍ରକ ଜିଲ୍ଲାର ଧାମନଗରରେ ଚଢ଼ଉ କରିଛି ଭିଜିଲାନ୍ସ । ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି ଭିଜିଲାନ୍ସ ବିଭାଗର ଆଡିସିନାଲ ଏସ୍‌ପି ହରେକୃଷ୍ଣ ମାଝି ।

ଓଡ଼ିଶା ପାଇଁ ମାଷ୍ଟର...

ପ୍ରଭାରୀ ବିଜୟ ପାଲସିଂ ତୋମାର । ଯାହାର ପ୍ରମୁଖ ବିନ୍ଦୁ ସବୁ ଥିଲା, ଓଡ଼ିଶାରେ କ୍ଲଷ୍ଟର ଷ୍ଟ୍ରାଟେଜି ଆପଣାଇବ ଦଳ । ଓଡ଼ିଶାକୁ ୫ରୁ ୬ଟି କ୍ଲଷ୍ଟରରେ ଭାଗ କରାଯିବ । ଆଉ ଏସବୁ

ରବିବାର, ଡିସେମ୍ବର ୩୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

୧୫୮ ଗ୍ରାମ ବ୍ରାଉନ ସୁଗାର ଜବତ: ୧ ଗିରଫ

ଖୋର୍ଦ୍ଧା, ୩୦/୧୨ (ନି.ପ୍ର): ବିଶେଷ ସୂତ୍ରରୁ ଖବର ପାଇ ବେଗୁନିଆ ଅବକାରୀ ବିଭାଗ ବୋଲଗଡ ଥାନା ଅଧିନସ୍ଥ ମାଣିକଗୋଡା, ଦଲେଇ ସାହିରେ ଅତର୍କିତ ଭାବରେ ଚଢ଼ାଉ କରି ବ୍ରାଉନ ସୁଗାର କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ରେ ସେହି ଗ୍ରାମ ର ଅଭିଯୁକ୍ତ ମିର ଅବଦୁଲ୍ଲା (୨୨)କୁ ଗିରଫ କରିବା ସହିତ ତା ନିକଟରୁ ୧୫୮ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ଏନ. ଡ଼ି. ପି. ଏସ. ଆଇନ ଅନୁଯାୟୀ, ପି. ଆର. ନଂ -୧୭୯/୨୩-୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ଜବତ ବ୍ରାଉନ ସୁଗାର ର ଆନୁମାନିକ ମୂଲ୍ୟ -୧୫ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ବ୍ରାଉନ ସୁଗାର ପଶ୍ଚିମବଙ୍ଗରୁ, ମାଣିକଗୋଡ଼ା ଭାୟା ଜଳେଶ୍ୱର ଏବଂ ଖୋର୍ଦ୍ଧା ଦେଇ ଆଣିଥିବା ନେଇ ଅଭିଯୁକ୍ତ ତାର ଦୋଷ ଅବକାରୀ ଟିମ ଆଗରେ ସ୍ୱୀକାର କରିଛି । ଖୋର୍ଦ୍ଧା ସହର ଏବଂ ଏହାର ଆଖ ପାଖ ଅଞ୍ଚଳ ବ୍ରାଉନ ସୁଗାର ର ହବ ପାଲଟିଛି । ଖୋର୍ଦ୍ଧା ଆଦର୍ଶ ଥାନା ଅଧିନସ୍ଥ ବରୁଣେଇ ସାହି, ଗୁଣ୍ଡିଚା ନଗର ରେ ରହୁଥିବା ଜନୈକ ମହିଳା ବ୍ରାଉନ ସୁଗାର କାରବାର ରେ ସମ୍ପୃକ୍ତ ଥିବା ନେଇ ସହର ସାରା ଚର୍ଚ୍ଚା ହେଉଛି । ଉକ୍ତ ମହିଳା ଙ୍କ ଘର ସମ୍ମୁଖ ରେ ବହୁ ଦାମୀ କାର ଓ ବାଇକ ରହୁଥିବା ବେଳେ ସେଥିରୁ ବାହାରୁଥିବା ଯୁବକ ମାନେ ନିଶଗ୍ରସ୍ତ ରହୁଥିବା ବେଳେ ବ୍ରାଉନ ସୁଗାର ର କେନ୍ଦ୍ରସ୍ଥଳୀ ଖୋର୍ଦ୍ଧା ଠେଙ୍ଗାହାଟ, ସ୍ୱପ୍ନେଶ୍ୱର ସାହି ପ୍ରଭୃତି ଅଞ୍ଚଳ ରେ ବ୍ରାଉନ ସୁଗାର କାରବାର କରୁଥିବା ନେଇ ଚର୍ଚ୍ଚା ହେଉଛି । ପୂର୍ବରୁ ସମ୍ପୃକ୍ତ ମହିଳା ଖୋର୍ଦ୍ଧା ସହର ର ବିଭିନ୍ନ ଗଳି ରେ ବୁଲି ବେପାର କରୁଥିବା ବେଳେ ଏବେ ବାଲୁଗାଁ, ପୁରୀ, ଟାଙ୍ଗୀ, ଜଟଣୀ, ଖୋର୍ଦ୍ଧା ସହର ର କିଛି ସ୍ଥାନ ଏବଂ ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳ ରେ ବ୍ରାଉନ ସୁଗାର କାରବାର କରୁଥିବା ଆଲୋଚନା ହେଉଛି । ବିଗତ ଦିନ ମାନଙ୍କରେ ସେହି ମହିଳାଙ୍କ ମା, ଭାଇ ଓଗୋଳପଡା ଜଟଣୀ ଗେଟ୍ ଅଞ୍ଚଳରେ ଦେଶି ବିଦେଶୀ ମଦ ବେପାର କରୁଥିବା ବେଳେ ଏବେ ଅଧିକ ଅର୍ଥ ରୋଜଗାର ପାଇଁ ଧଳା ଜହର ବ୍ୟବସାୟ ଆରମ୍ଭ କରି ମାଲେ ମାଲ ହେଉଛନ୍ତି। ବ୍ରାଉନ ସୁଗାର ବେପାର କରୁଥିବା ସମ୍ପୃକ୍ତ ମହିଳା ଜଣଙ୍କ ବହୁ ପୁରୁଷ ବନ୍ଧୁଙ୍କ ସାହାଯ୍ୟ ରେ ଏବେ ଖୁଲମଖୁଲା କିଛି ପୋଲିସ କର୍ମଚାରୀଙ୍କୁ ହାତେଇ ଏହି ବେପାର କରୁଥିବା ତାଙ୍କ ସାଇ ପଡ଼ିଶାରେ ଚୁପୁର ଚାପର ହେଉଛନ୍ତି।ଜୈନିକ ମହିଳା ଜଣଂକ ଭୁବନେଶ୍ୱର ଇଫୋସିସ୍ ଦୁଇ ରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ଥିବାବେଳେ ସେ ଏତେ କମ ଦିନ ମଧ୍ୟରେ ଦୁଇ ମହଲା କୋଠା ଘର ଚାରି ଚଟିଆ ଦାମି କାର ସହିତ ରାଜକୀୟ ବିଳାସ ରେ ରହୁଥିବା ଜଣା ପଡିଛି । ଏଥିପ୍ରତି ପୁଲିସ ତଥା ଅବକାରୀ ବିଭାଗ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବୀ ହେଉଛି ।

ଆଉ ୨୦୦ ଇଭି ବସ୍ କିଣିବେ ରାଜ୍ୟ ସରକାର

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ୨ଶହ ଇଲେକ୍ଟ୍ରି ବସ୍ ଚଳାଇବାକୁ ବ୍ୟବସ୍ଥା କରିବା ପାଇଁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର। ୨୦୦ଟି ଇଭି ଏସି ବସ୍ କ୍ରୟ ଓ ଏହାର ସୁପରିଚାଳନା ପାଇଁ ଜେବିଏମି ଇକୋ ଲାଇଫ୍ ସହିତ ହେବାକୁ ଥିବା ଚୁକ୍ତିନାମାକୁ କ୍ୟାବିନେଟ୍ ଅନୁମୋଦନ କରିଛି । ଏଥିପାଇଁ ୯୩୩ କୋଟି ୨୬ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସୂଚନାଯୋଗ୍ୟ ଯେ ବର୍ତମାନ ପୁରୀ, କଟକ ଓ ଭୁବନେଶ୍ୱରରେ କ୍ଲଟ୍ ପକ୍ଷରୁ ୩୦୫ ଟି ମୋ ବସ୍ ଏବଂ ରାଉରକେଲାରେ ୧୦୦ଟି ମୋ ବସ୍ ଚଳାଚଳ କରୁଛି ।

ଉତ୍ତରାଖଣ୍ଡର ୨୮ ପବିତ୍ର ନଦୀରୁ ଅଯୋଧ୍ୟା ପଠାଗଲା ଜଳ

ହରିଦ୍ୱାର, ୩୦/୧୨ (ନି.ପ୍ର): ଅଯୋଧ୍ୟାରେ ଭଗବାନ ରାମଲଲାଙ୍କ ଜାନୁୟାରୀ ୨୨ ତାରିଖରେ ପ୍ରାଣ ପ୍ରତିଷ୍ଠା ସମାରୋହରେ ଭଗବାନଙ୍କ ବିଗ୍ରହ ପ୍ରତିମାର ଅଭିଷେକ ନିମନ୍ତେ ଦେବଭୂମି ଉତ୍ତରାଖଣ୍ଡର ୨୮ଟି ପବିତ୍ର ନଦୀର ଜଳ ଅଯୋଧ୍ୟା ପଠାଯାଇଛି । ଗଙ୍ଗା, ଅଳକାନନ୍ଦା, ଭାଗିରଥି, ବିଷ୍ଣୁ ଗଙ୍ଗା, ମନ୍ଦାକିନୀ, ଯମୁନା, ରାମଗଙ୍ଗା, ଗୌରୀ ଗଙ୍ଗା, କାଲୀଗଙ୍ଗା, କୋସୀ, ପିଣ୍ଡର ନଦୀ ପ୍ରମୁଖର ଜଳ ଭଗବାନ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ସମୟରେ ପୂଜନ ବିଧିରେ ଉପଯୋଗ କରାଯିବ । ଦେବଭୂମି ଉତ୍ତରାଖଣ୍ଡର ପବିତ୍ର ନଦୀର ଜଳ ପୂର୍ଣ୍ଣ କଳସ ବିଶ୍ୱ ହିନ୍ଦୁ ପରିଷଦ ଉତ୍ତରାଖଣ୍ଡର ପ୍ରାନ୍ତ କାର୍ଯ୍ୟାଳୟ ହରିଦ୍ୱାର ଅଣାଯାଇଛି । ପ୍ରାନ୍ତ କାର୍ଯ୍ୟାଳୟରେ ପବିତ୍ର ଜଳ କଳସର ବିଧିବଦ୍ଧ ପୂଜାର୍ଚ୍ଚନା କରି ଆଳତୀ କରାଯାଇଛି ।

ତିନି-ଚାରି ମାସରେ ଘାଟିରୁ ପୂରା ଭାରତକୁ ଯୋଡିବ ରେଳପଥ- ଜିତେନ୍ଦ୍ର ସିଂହ

ଉଧମପୁର, ୩୦/୧୨ (ନି.ପ୍ର): ଉଦଘାଟନ ପରେ କଟରାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସ ଉଧମପୁରରେ ପହଂଚିବା ପରେ ଭବ୍ୟ ସ୍ୱାଗତ କରାଯାଇଛି । କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ଟ୍ରେନରେ କଟରାରୁ ଉଧମପୁର ଯାତ୍ରା କରିଥିଲେ । ସ୍ଥାନୀୟ ଲୋକଙ୍କ ଦାବି ପରେ ଉଧମପୁରରେ ବନ୍ଦେ ଭାରତ ଏକ୍ସପ୍ରେସ ରହିବ । ଏହାସହିତ ମନଭାଲ, ଜମ୍ମୁ ତଥା କଠୁଆରେ ମଧ୍ୟ ଏହି ଟ୍ରେନ ରହିବ । ସେ କହିଛନ୍ତି ଯେ, ଖୁବ ଶୀଘ୍ର ଆସନ୍ତା ତିନି-ଚାରି ମାସରେ କଶ୍ମୀର ଘାଟି ଦେଶର ଅନ୍ୟ ସ୍ଥାନକୁ ରେଳପଥରେ ଯୋଡି ହେବ, ଯାହା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ । ଉଧମପୁରରେ ରେଲୱେ ଡିଭିଜନ ଖୋଲିବାକୁ ଉଦ୍ୟମ ଜାରି ରହିଛି । ଯାହାଦ୍ୱାରା ଲୋକଙ୍କୁ ଅଧିକ ରୋଜଗାରର ସୁଯୋଗ ମିଳିବ ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ପ୍ରସ୍ତୁତି ଭଦ୍ରକରୁ ଯିବେ ୧୪୬ ଜଣ

ଭଦ୍ରକ, ୩୦/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଭଦ୍ରକ ଜିଲ୍ଲାରୁ ଯିବାକୁ ଥିବା ତୀର୍ଥଯାତ୍ରୀ ମାନଙ୍କ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନା ଯୋଗ୍ୟକି ପ୍ରଥମ ଦଫାରେ ଉଜ୍ଜୟିନୀରୁ ଓମ୍‌କାରେଶ୍ୱର କୁ ୫-୧-୨୦୨୪ ରୁ ୧୦-୦୧-୨୦୨୪ ପର୍ଯ୍ୟନ୍ତ ୬ ଦିନିଆ ଯାତ୍ରା ପାଇଁ ଭଦ୍ରକ ଜିଲ୍ଲାରୁ ୧୪୬ ଜଣ ଯାତ୍ରା କରିବେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ଅଧକ୍ଷତାରେ ଆଭାସି ଜରିଆରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନାନୁଯାୟୀ ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକ ମାନଙ୍କୁ ସେମାନଙ୍କ ଘରୁ ପ୍ରଶାସନ ତରଫରୁ ସୁବ୍ୟବସ୍ଥା ଜରିଆରେ ୪.୧.୨୦୨୪ ରେ ଜିଲ୍ଲା ସଦର ମହକୁମାକୁ ଅଣାଯିବ। ଜିଲ୍ଲା ସଂସ୍କୃତି ଭବନରେ ସମସ୍ତେ ପହଞ୍ଚିଲା ପରେ ଅପରାହ୍ନ ୩ଟାରେ ବସ୍ ଯୋଗେ ସେମାନଙ୍କୁ ବାଲେଶ୍ୱର ପ୍ରେରଣ କରାଯିବ। ଜିଲ୍ଲା କାର୍ଯ୍ୟାଳୟ ପରିସରରେ ସାଂସଦ, ବିଧାୟକ ପ୍ରଭୃତି ଜନପ୍ରତିନିଧି ଏବଂ ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଦ୍ୱାରା ପତାକା ପ୍ରଦର୍ଶନ କରାଯାଇ ବରିଷ୍ଠ ନାଗରିକ ଯାତ୍ରାର ଶୁଭାରମ୍ଭ କରାଯିବ। ଅଧିକାରୀଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷାରେ ଅଯୋଗ୍ୟ ବିବେଚିତ ହେଲେ ରିଜର୍ଭ ଥିବା ୨୯ ଜଣିଆ ତାଲିକାର ଶୀର୍ଷରୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ। ବି.ଡ଼ି.ଓ. ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବି.ଏସ୍.ଏସ୍.ଓ. ମାନଙ୍କ ଜରିଆରେ ତୀର୍ଥଯାତ୍ରାରେ ଯିବା ପାଇଁ ଆବଶ୍ୟକ ଆନୁସଙ୍ଗିକ ଶୀତବସ୍ତ୍ର, ନିୟମିତ ସେବନ କରୁଥିବା ଔଷଧ, ଆଧାର ଫଟୋ ଆଦି କାଗଜପତ୍ର ତନଖି କରି ଯାତ୍ରାକାଳୀନ ସତର୍କତା ସମ୍ବନ୍ଧରେ ପରାମର୍ଶ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନ ତରଫରୁ ପ୍ରଦାନ କରାଯିବାକୁ ଥିବା ପରିଚୟ ପତ୍ର ଓ ନୀଳଟୋପି କୁ ଯାତ୍ରା କାଳରେ ଯେକୌଣସି ପରିସ୍ଥିତିରେ ଯେପରି ନ ହଜାନ୍ତି ଏବଂ ଟୋପି ସଦାସର୍ବଦା ପିନ୍ଧନ୍ତି ସେଥିନେଇ ମଧ୍ୟ ସେମାନଙ୍କୁ ବୁଝାଇବାକୁ କୁହାଯାଇଛି। ସେମାନଙ୍କ ତତ୍ତ୍ୱାବଧାରକ ଭାବେ ପ୍ରଶାସନ ତରଫରୁ ୫ ଜଣଙ୍କୁ ଏସ୍‌କଟ୍ ଅଫିସର ଭାବେ ନିୟୋଜିତ କରାଯାଇଛି। ୪ ତାରିଖ ଦିନ ବାଲେଶ୍ୱରରେ ରହଣି ପରେ ୫ ତାରିଖ ଦିନ ରେଳଦ୍ୱାରା ସେମାନଙ୍କର ଯାତ୍ରା ଆରମ୍ଭ ହେବ। ପ୍ରତ୍ୟାବର୍ତ୍ତନ ପରେ ପ୍ରଶାସନ ତରଫରୁ ବାଲେଶ୍ୱରରୁ ଆଣି ସେମାନଙ୍କୁ ସେମାନଙ୍କ ନିଜ ନିଜ ଘରେ ପହଞ୍ଚାଇ ଦିଆଯିବ। ଦ୍ୱିତୀୟ ଦଫାରେ ୨-୩-୨୦୨୪ ରୁ ୭-୩-୨୦୨୪ ପର୍ଯ୍ୟନ୍ତ ଆଗ୍ରା-ମଥୁରା ପାଇଁ ମଧ୍ୟ ଭଦ୍ରକ ରୁ ୧୪୬ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ରେ ଯିବା ନେଇ କାର୍ଯ୍ୟକ୍ରମ ରହିଛି। ସୂଚନା ଯୋଗ୍ୟକି ଏହି ତୀର୍ଥଯାତ୍ରା ପାଇଁ ଗତ ନଭେମ୍ବର ୧ ରୁ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଓ ଅଫ୍ ଲାଇନ୍ ରେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଦୁଇଦଫା ପାଇଁ ସମୁଦାୟ ୮୦୩ ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ପ୍ରଥମ ଦଫାରେ ଯାତ୍ରା ପାଇଁ ରାଣ୍ଡାମାଇଜେସନ ମାଧ୍ୟମରେ ୧୪୬ ଜଣଙ୍କୁ ଯୋଗ୍ୟ ବିବେଚିତ କରାଯାଇ ୨୯ ଜଣଙ୍କୁ ରିଜର୍ଭ ରଖାଯାଇଥିଲା।

ଦୁଇ ଦିବସୀୟ ଗସ୍ତରେ କୋଲକାତା ପହଂଚିଲେ ଡା. ମୋହନ ଭାଗବତ

କୋଲକାତା, ୩୦/୧୨ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍.ଏସ୍.ଏସ୍)ର ସରସଂଘଚାଳକ ଡା. ମୋହନ ଭାଗବତ ଦୁଇଦିନିଆ ଗସ୍ତରେ ଶନିବାର ମଧ୍ୟହ୍ନରେ କୋଲକାତା ପହଂଚିଛନ୍ତି। ସେ ଏଠାରେ ସଂଘର ଏକ ପୁରୁଣା ସ୍ୱୟଂସେବକଙ୍କ ଘରେ ରହିଛନ୍ତି। ଏହି ଅବସରରେ ସେ ରାଜ୍ୟର ଜଣାଶୁଣା ବ୍ୟକ୍ତିବିଶେଷଙ୍କ ସହିତ ସାକ୍ଷାତ କରିବେ। ସଂଘର ଜଣେ ବରିଷ୍ଠ ନେତା କହିଛନ୍ତି ଯେ ଦୁଇଦିନିଆ ଗସ୍ତରେ ଡା. ଭାଗବତ ସଂଗଠନାତ୍ମକ ବୈଠକ କରିବେ। ଡା. ଭାଗବତ ଯେଉଁଠାରେ ରହିଛନ୍ତି, ସେଠାରେ ସୁରକ୍ଷାର ଅତିରିକ୍ତ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ସେ ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ସହିତ ସାକ୍ଷାତ କରିବେ, ଯେଉଁଥିରେ ଅଖିଳ ଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍)ର ଅଧକ୍ଷ କଲ୍ୟାଣ ଚୌବେ, ଅଭିନେତା ବିକ୍ରର ବାନାର୍ଜି ଏବଂ କେନ୍ଦ୍ରୀୟ ଯାଂଚ ବ୍ୟୁରୋ (ସିବିଆଇ)ର ପୂର୍ବ ସଂଯୁକ୍ତ ନିର୍ଦ୍ଦେଶକ ଉପେନ ବିଶ୍ୱାସ ସାମିଲ ଅଛନ୍ତି।

ଭାରତୀୟ ଜନତାପାର୍ଟିର ମିଶ୍ରଣ ପର୍ବ

ନୀଳଗିରି, ୩୦/୧୨ (ନି.ପ୍ର): ଭାରତୀୟ ଜନତା ପାର୍ଟି ନୀଳଗିରି କାର୍ଯ୍ୟଳୟ ଠାରେ ଆଜି ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆରବନ୍ଧ ପଞ୍ଚାୟତର ସରପଞ୍ଚ ତଥା ଯୁବ ସମାଜସେବୀ କୁଳମଣୀ ନାୟକ ନେତୃତ୍ୱରେ ଅନ୍ୟ ଦଳ ଛାଡି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ ଏବଂ ବହୁମୁଖୀ ଜନକଲ୍ୟାଣ କାରୀ ଯୋଜନାରେ ଉଦବୁଦ୍ଧ ହୋଇ ବିଜେପିରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ଯୋଗଦେଇଥିବା ଅନ୍ୟଦଳର କର୍ମୀ ଶ୍ରୀମାନ ମନୋରଞ୍ଜନ ରାଉତ, ଜୟ ରାଉତ, ରବୀନ୍ଦ୍ର ରାଉତ, ଦୀନେଶ ପାତ୍ର, ଗୁଲଶନ ପାତ୍ର, ଜୟନ୍ତ ନାୟକ, ପ୍ରଦୀପ ରାଉତଙ୍କ ସହ ବହୁ ଯୁବକ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ଯୁବନେତା ଦେବାଶିଷ ଆଚାର୍ଯ୍ୟ, କୁଳମଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

୩ ଜଣ ପାଇବେ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଆସନ୍ତା ୩ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଚଳିତବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ, ସାମ୍ବାଦିକତା କ୍ଷେତ୍ରରେ ବିଶେଷ ଦକ୍ଷତା ପାଇଁ ସମାଜର ସମ୍ପାଦକ ପ୍ରମୋଦ ମହାପାତ୍ରଙ୍କୁ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପୂର୍ବତନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡଃ ବିଜୟ କେତନ ପଟ୍ଟନାୟକ (ପୂର୍ବତନ ଆଇ.ଏଫ୍.ଏସ୍)ଙ୍କୁ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସମ୍ମାନ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ପ୍ରଦାନ କରାଯିବ। ଏକ ପ୍ରେସ୍ ଇସ୍ତାହାରରେ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଓ ସମ୍ପାଦକ ଇଂ ବିଶ୍ୱମୋହନ ପଟ୍ଟନାୟକ ଏହା ଜଣାଇଛନ୍ତି। ସେହିପରି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ରଚନା, ଚିତ୍ରାଙ୍କନ, କୁଇଜ ଓ ଗଣଦୌଡ଼ ପ୍ରତିଯୋଗିତାରେ ହାଇସ୍କୁଲ୍ ଓ କଲେଜସ୍ତରର ଯେଉଁ କୃତୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଏହି ଉତ୍ସବରେ ସମ୍ମାନିତ କରାଯିବ।

ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଲଙ୍ଗଳେଶ୍ୱର , ୩୦/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ଠାରେ ଥିବା ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ୧୯ ତମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଫେସର କେଦାରନାଥ ମହାନ୍ତି ଯୋଗଦେଇ ବାର୍ଷିକ ଉତ୍ସବ ଆୟୋଜିତ ହେବାରୁ କୁନି କୁନି ପିଲାମାନଙ୍କୁ ପ୍ରେରଣା ଓ ପାରଦର୍ଶିତା ଲାଭକରେ। ମୁଖ୍ୟ ବକ୍ତା ଭାବେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ର ଅଧକ୍ଷ ସୁଧାଂଶୁ ପଣ୍ଡା, ସମ୍ମାନିତ ଅତିଥି ଭାବେ ୨୪ ନଂ ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ ,ସମିତି ସଭ୍ୟ ଶାନ୍ତନୁ ମହାପାତ୍ର , ଯୁବନେତା ପ୍ରଶାନ୍ତ ଦାସ,ଚକ୍ରଧର ଗିରି, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରମଥ କୁମାର ଜେନା ସଭାପତିତ୍ୱ କରିଥିଲେ। ଅନୁଷ୍ଠାନ ର ଉପସଭାପତି ବିଜୟ କୁମାର ପାଢୀ ମଞ୍ଚ ପରିଚାଳନା କରିଥିଲେ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଭାକର ବେହେରା ବାର୍ଷିକ ବିବରଣୀ ପ୍ରଦାନ, ସମ୍ପାଦକ ରଞ୍ଜନ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୁରୁଜୀ ଅଶୋକ ଦାସ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ, ଗୁରୁଜୀ ଧରଣୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଗଦାଧର ବେହେରା, ନିଆସି ରଣଜିତ, ଉମାଶଙ୍କର ପଣ୍ଡା, ସାଇ ବିକାଶ ବେହେରା, ଗୁରୁ ମା ସରସ୍ୱତୀ ମହାନ୍ତି, ଜୟନ୍ତୀ ବେହେରା, ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମାଜିକ ନାଟକ ମାଆ ଆଖିରେ ଲୁହ ପରିବେଶିତ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ।

ଖୁଣ୍ଟା ଉ.ପ୍ରା. ବିଦ୍ୟାଳୟର ଅଯଥା ବିବାଦକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ

ରାସଗୋବିନ୍ଦପୁର , ୩୦/୧୨ (ନି.ପ୍ର): ରାସଗୋବିନ୍ଦପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନ୍ତର୍ଗତ ନାରଙ୍ଗାବାଦ ଖୁଣ୍ଟା ଉ.ପ୍ରା. ବିଦ୍ୟାଳୟରେ ଅଯଥା ବିବାଦ, ଆଲୋଚନା, ସମାଲୋଚନା ଓ ଗଣ୍ଡଗୋଳ ବାତାବରଣକୁ ନେଇ ଗ୍ରାମବାସୀବୃନ୍ଦ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ ପ୍ରକାଶ ଥାଉ କି, ଗ୍ରାମର ମୁଷ୍ଟିମେୟ ବ୍ୟକ୍ତି ସଦାସର୍ବଦା ବିଦ୍ୟାଳୟର ଆଭ୍ୟନ୍ତରୀଣ ବ୍ୟବସ୍ଥା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପରେ ବେଆଇନ ଚାପ ସୃଷ୍ଟି କରିବା ପାଇଁ ଚେଷ୍ଟା କରି ଆସୁଛନ୍ତି। ବିଭିନ୍ନ ମିଥ୍ୟା ଅଭିଯୋଗ କରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ହାତବାରିସି କରି ଅଯଥାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଦଳି କରିବା, ସସ୍‌ପେଣ୍ଡ କରିବା, ବିଦ୍ୟାଳୟ ପାଇଁ ଆସିଥିବା ଆର୍ଥିକ ଅନୁଦାନକୁ ହଡ଼ପ କରିବା ପ୍ରଭୃତି କାର୍ଯ୍ୟ କରି ଆସୁଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏ ସମସ୍ତ ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇ ସ